


ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜଛକ, କଟକ

ମୁଖ୍ୟ ସଂପାଦକ

**ଶ୍ରୀଯୁକ୍ତ ମନୋଜ କୁମାର ଦାଶ**

ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,
କଲେଜଛକ, କଟକ

ସଂଯୋଜନା

**ଶ୍ରୀମତୀ ବବିତା ପ୍ରିୟଦର୍ଶିନୀ ମହାପାତ୍ର**

ଆଚାର୍ଯ୍ୟା

# ଅଳଂକରଣ

**ଶ୍ରୀମତୀ ଲିପ୍‌ସିତା ସାଇଁ**

**ବିକାଶ କୁମାର ସାହୁ**

# ସଂପାଦନା ମଣ୍ଡଳୀ

**ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ବେହେରା (ସଂପାଦକ)**

**ଶ୍ରୀମତୀ ରଶ୍ମୀରାଣୀ ଷଡ଼ଙ୍ଗୀ**

**ଶ୍ରୀମତୀ ମୀରା ମଞ୍ଜରୀ ନାୟକ**

**ଶ୍ରୀମତୀ ମୀନାକ୍ଷୀ ତ୍ରିପାଠୀ**

**ଶ୍ରୀମତୀ ସଂଘମିତ୍ରା ଦାସ**

**ଶ୍ରୀମତୀ ମମତା ବେହେରା**

**ଶ୍ରୀଯୁକ୍ତ ଦେବାନନ୍ଦ ଦାସ**

**ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ବେହେରା**

# ସବୁଜଶ୍ରୀ



୩୭ତମ ବାର୍ଷିକ ଉତ୍ସବ ସଂସ୍କରଣ

୨୦୨୩-୨୪

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,

**କଲେଜଛକ, କଟକ-୭୫୩୦୦୩**

**ଫୋନ୍ - (୦୬୭୧)୨୫୪୮୫୭୭/୩୫୮୨୯୯୯**

Website : www.ssvmcuttack.com
E-mail : ssvmcollegesquare1987@gmail.com,



# Know our Chief Guest

## Hon'ble PDG RTN AJAY AGARWAL

## Past Dist.Governor, Rotary District - 3262

Rtn. Ajay Agarwal, Major Donor, was born in the renowned family of Agarwals at Pink City, Jaipur, Rajstan in 1967 and is the youngest son of Late Sri Ramdasji Agarwal and Smt. Manvatiji Agarwal. His illustrious father Late Sri Ramdasji Agarwal was a rotarian since1974 and Former member of Parliament (Rajyasabha), State president of BJP for the state of Rajastan and National Vice President of BJP.

As an entrepreneur, he established himself in the field of Product Export and Mining. He became member of Executive body of Engineering & Export Promotion Council of India (EEPC) from 1993 to 1998 as the youngest and successful exporter-cum- entrepreneur in Odisha. In the field of mining the earns several rewards from different Government institutions for his services and performance.

Ajay was involved in Rotary since childhood and became Rotaractor in 1990. As a Rotaractor he was recognized as "Outstanding Rotractor". He was President of Rotary Club of Bhadrak and twice President of Rotary Club of Mid-Town.

Bhadrak and also honored "Best President Award" by PDG. Lalit Surjan and was also the DDR. He joined Rotary club of Bhadrak in 1996 and became charter member of Rotary Club of Mid- Town Bhadrak. His outstanding achievements in the field of Literacy, Health & Environment were highly appreciated. He was twice recognized as "Outstanding President" for his Outstanding Rotary Service Contribution to Membership and received the "Club Builder Award" from the RI President in 2012.

He is the Patron friends of Trivbals Society, Bhubaneswar and Chairman, Executive body member of Biju Mahaveer, Jaipur foot Centre, Khorda. He married Rtn. Ritu Agarwal, daughter of reputed businessman & religious personality Sri Kishan Lai Bhartiya and they are blessed with two sons Srihari & Vinamra Hari. Both Ajay & Ritu are Major Donors and they promote fellow Rotarians to support Rotary Foundation. Spouse Rtn. Ritu Agarwal PPIW Club and activwe Rotarian of Rotary Club of Bhubaneswar New Horizon.

Actively participate and support Philanthropic Institutions and his hobbies include Sports, Music, Literature &Travelling.

He is the District Rotary Foundation Committee [RI] - Chair (RY 2022-25) & COL Representative (RY 2023 - 26)

***



# ବାର୍ତ୍ତା

ଆର୍ଯ୍ୟଭୂମି ଭାରତବର୍ଷର ଗୁରୁକୂଳ ପରମ୍ପରା, ସଂସ୍କୃତିକୁ ଉଜ୍ଜିବିତ କରି ଦେଶକୁ ରାମରାଜ୍ୟର ସନ୍ଦେଶ ଦେବା ଲକ୍ଷ୍ୟ ନେଇ, ଗ୍ରାମଠାରୁ ଦେଶ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ଶିକ୍ଷା ବିକାଶ ସମିତି ଶିଶୁ ମନ୍ଦିର ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ମହାନ ସେତୁ ବନ୍ଧସମ କାର୍ଯ୍ୟରେ ମୋତେ ବୋଲି କଣିକାଟିଏ ପକାଇବାକୁ ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ଆଜି ବିଦ୍ୟାଳୟର ୩୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏ ପରିସର ହୋଇଛି ଉତ୍ସବ ମୁଖର । ଏହି ସମୟରେ ବିକାଶମୁଖୀ ଯୋଜନାର ଆବଶ୍ୟକତା ଅଛି । ଭଗବାନ ଏତିକି ଆଶୀର୍ବାଦ କରନ୍ତୁ, ମୁଁ ଏହି ବିକାଶମୁଖୀ ରଥକୁ ଆଗକୁ ଆଗକୁ ନେଇ ଭାରତ ମାତାର ଭବିଷ୍ୟତ ନାଗରିକଙ୍କୁ ଯୋଗ୍ୟ କରି ଗଢିପାରେ ।

ଆଜିର ଏହି ବାର୍ଷିକ ଉତ୍ସବର ଶୁଭଅବସରରେ ଉନ୍ମୋଚନ ଅପେକ୍ଷାରେ ଥିବା **ସବୁଜଶ୍ରୀ**ର ନବକଳେବରକୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଅର୍ପଣ କରିବା ସହିତ ଏହାକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ସହଯୋଗର ହାତ ବଢାଇଥିବା ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟା, ଶିଶୁ ଭାଇଭଉଣୀ ତଥା କର୍ମକର୍ତ୍ତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

।। ଭାରତ ମାତା କି ଜୟ ।।

ଶ୍ରୀଯୁକ୍ତ ବ୍ରଜେନ୍ଦ୍ର କୁମାର ରାଏ
ସଭାପତି
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜଛକ, କଟକ-୩



# ବାର୍ତ୍ତା

ଭାରତର ଏକ ପ୍ରାଚୀନ ରାଜ୍ୟ ଭାବରେ ଓଡ଼ିଶାର ଏକ ଗୌରବ ମୟ ଇତିହାସ ରହିଛି । ଓଡ଼ିଶାର ଗୌରବ ମୟ ସହର କଟକ ଭାଇ ଚାରା, ସ୍ନେହ, ଶ୍ରଦ୍ଧା ପାଇଁ ବିଶେଷ ପରିଚିତ । କଟକର ମଧ୍ୟ ଭାଗରେ ପ୍ରତିଷ୍ଠିତ ଆମ ବିଦ୍ୟାଳୟ ଆଜି ୩୭ତମ ବର୍ଷରେ ପଦାର୍ପଣ କରିଛି । ଆଜି ୨୦୨୪ ମସିହା ବୈଶାଖ କୃଷ୍ଣ ପଂଚମୀ ତିଥି ସଂାଧ ଅବସରରେ ବାର୍ଷିକ ଉତ୍ସବ ପାଇଁ ସଜାଯାଇଛି ଆମ ଶିଶୁ ବିଦ୍ୟା ମନ୍ଦିର । ବିଦ୍ୟା ମନ୍ଦିରର ଶାନ୍ତ ସଂନ୍ଧ୍ୟା ଆଜି କୋଳାହଳ ମୟ ।

ସଂପାଦକ ଭାବରେ ଭାଗ୍ୟ ବଶତଃ ଏ ସେବାର ଅବସର ମୋତେ ମିଳିଛି । ହିନ୍ଦୁ ସଂସ୍କୃତି ଓ ପରମ୍ପରାକୁ ନେଇ ଲକ୍ଷ୍ୟ ଲକ୍ଷ୍ୟ ଛାତ୍ରଛାତ୍ରୀମାନଙ୍କୁ ସଂସ୍କାର ମୂଳକ ଶିକ୍ଷା ଦେଇ ଆସିଥିବା ଆମ ବିଦ୍ୟାଳୟ ଆଜି ନିଜର ସାଂସ୍କୃତିକ ମୂଲ୍ୟବୋଧ ପାଇଁ ବିଶ୍ୱ ଦରବାରରେ ପରିଚୟ ସୃଷ୍ଟି କରିଛି ।

ଆଜି ବିଦ୍ୟାଳୟର ମୁଖପତ୍ର ପ୍ରକାଶ ଅବସରରେ ମୁଁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ମାନଙ୍କୁ ଧନ୍ୟବାଦ ଜଣାଉଛି ଯାହାଙ୍କ ଅକ୍ଲାନ୍ତ ପରିଶମ ଓ ସେବା ଦ୍ୱାରା ଅନୁଷ୍ଠାନଟି ଇତିହାସ ସୃଷ୍ଟି କରୁଛି ।

ବନ୍ଦେ ଉତ୍କଳ ଜନନୀ ।

।। ଭାରତ ମାତା କି ଜୟ ।।

ଡ଼. ସୌମ୍ୟ ରଂଜନ ମିଶ୍ର (ଆଡ୍‌ଭୋକେଟ୍)
ସମ୍ପାଦକ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜଛକ, କଟକ-୩

# ଆମ ପରିଚାଳନା ସମିତି



ଶ୍ରୀଯୁକ୍ତ ବ୍ରଜେନ୍ଦ୍ର କୁମାର ରାୟ
ସଭାପତି



ଶ୍ରୀଯୁକ୍ତ ବିଭୁତି ରଞ୍ଜନ ମହାପାତ୍ର
ଉପସଭାପତି



ଡ଼. ସୌମ୍ୟରଞ୍ଜନ ମିଶ୍ର
ସମ୍ପାଦକ



ଶ୍ରୀଯୁକ୍ତ ବିଜୟ କୁମାର ସାଇଁ
ସହ-ସମ୍ପାଦକ



ଶ୍ରୀଯୁକ୍ତ ବିଭୁଦେନ୍ଦ୍ର ମହାନ୍ତି
କୋଷାଧକ୍ଷ



ଶ୍ରୀମତୀ ନିଶାରାଣୀ କର
ସଦସ୍ୟା



ଶ୍ରୀମତୀ ତପସ୍ୱିନୀ ବେହେରା
ସଦସ୍ୟା



ଶ୍ରୀଯୁକ୍ତ ମନୋଜ କୁମାର ଦାଶ
ପ୍ରଧାନ ଆଚାର୍ଯ୍ୟ



ଶ୍ରୀଯୁକ୍ତ ରାମଚନ୍ଦ୍ର ସାହୁ
ଆଚାର୍ଯ୍ୟ ପ୍ରତିନିଧି

# ଗର୍ବ ଓ ଗୌରବ



ଉଦିତ୍ କୁମାର ପଣ୍ଡା
୨୦୨୨-୨୩ ମ୍ୟାଟ୍ରିକ୍ ଟପର



କୁମ୍‌କୁମ୍ ହାଲ୍‌ଦାର
୩ୟ ସରକାରୀ ବୃତ୍ତି



ଶ୍ରୀପ୍ରସାଦ ସାହୁ
୩ୟ ସରକାରୀ ବୃତ୍ତି



ପ୍ରତୀକ୍ ପ୍ରୟାଶ ରାଉତ
୫ମ ସରକାରୀ ବୃତ୍ତି



ପ୍ରଭୁ ସାରଥି ନାୟକ
ପ୍ରାଦେଶିକ ମେଧା ଓ ଶ୍ରୀ ଭାରତୀକୃଷ୍ଣ
ଗଣିତ ପ୍ରତିଭା (୭ମ)



ମାନସ ରଂଜନ ପ୍ରଧାନ
ପ୍ରାଦେଶିକ ମେଧା (୯ମ)



ସାଇ ଅଂଶୁମାନ ରାଉତ
ଚମ୍ପିୟାନ୍ (ଶିଶୁବର୍ଗ)
ଶ୍ରେଣୀ - ୪ର୍ଥ



ସୌଜନ୍ୟା ବାରିକ
ଚମ୍ପିୟାନ୍ (ଶିଶୁବର୍ଗ)
ଶ୍ରେଣୀ - ୫ମ



ଯାଜ୍ଞସେନୀ ସାହୁ
ଚମ୍ପିୟାନ୍ (ବାଲବର୍ଗ)
ଶ୍ରେଣୀ - ୭ମ



ଗାଲୁ ସାତ୍ୱାନା
ଚମ୍ପିୟାନ୍ (ବାଲବର୍ଗ)
ଶ୍ରେଣୀ - ୭ମ



ଦିନେଶ ବେହେରା
ଚମ୍ପିୟାନ୍ (କିଶୋରବର୍ଗ)
ଶ୍ରେଣୀ - ୧୦ମ



ସୁଜ୍ଞାନୀ ପରିଡ଼ା
ଚମ୍ପିୟାନ୍ (କିଶୋରବର୍ଗ)
ଶ୍ରେଣୀ - ୧୦ମ



ଦେବସ୍ମିତା ପ୍ରଧାନ
ଚମ୍ପିୟାନ୍ (କିଶୋରବର୍ଗ)
ଶ୍ରେଣୀ - ୧୦ମ



ସୁପ୍ରିତି ମଲ୍ଲ (ଶିଶୁବୋଧ)
ତରଙ୍ଗ ଚ୍ୟାନେଲ୍‌ର ଶ୍ରେଷ୍ଠ କୁନି କଳାକାର


ଆମ ପରିବାର

# ଆମ ପରିବାର

## ଶ୍ରୀଯୁକ୍ତ ମନୋଜ କୁମାର ଦାଶ

ବି.ଏସ୍‌,ସି. ବି.ଇଡ଼ି,
ପ୍ରଧାନ ଆଚାର୍ଯ୍ୟ

## ଆଚାର୍ଯ୍ୟ / ଆଚାର୍ଯ୍ୟା

ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ବେହେରା, ବି.ଏ.
ଶ୍ରୀମତୀ ମୌସୁମୀ ଦାସ, ବି.ଏ.
ଶ୍ରୀମତୀ ସବିତା ପାତ୍ର, ବି.ଏ.
ଶ୍ରୀଯୁକ୍ତ ରାମ ଚନ୍ଦ୍ର ସାହୁ, ଏମ୍‌.ଏ.,ବି.ଏଡ୍‌
ଶ୍ରୀମତୀ ସୁପ୍ରଭା ଲେଙ୍କା, ବି.ଏ.
ଶ୍ରୀମତୀ ମମତା ବେହେରା, ବି.ଏସ୍‌.ସି.
ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ମିଶ୍ର, ବି.କମ୍‌.
ଶ୍ରୀମତୀ କାନନବାଳା ରାୟ, ବି.ଏ.
ଶ୍ରୀମତୀ ମିରାମଞ୍ଜରୀ ନାୟକ, ବି.ଏ., ବି.ଏଡ୍‌, ରତ୍ନ
ଶ୍ରୀମତୀ ମଞ୍ଜୁବାଳା ଲେଙ୍କା, ବି.ଏ., ବି.ଏଡ୍‌, ଏଲ୍‌.ଏଲ୍‌.ବି
ଶ୍ରୀଯୁକ୍ତ ହରପ୍ରସାଦ ରାଜ, ଏମ୍‌.ଏ, ଏଲ୍‌.ଏଲ୍‌.ବି.
ଶ୍ରୀମତୀ ସୁଜାତା ମିତ୍ର, ବି.ଏ., ହିନ୍ଦୀ(ରତ୍ନ)
ଶ୍ରୀମତୀ ରଶ୍ମିରାଣୀ ଷଡ଼ଙ୍ଗୀ, ଏମ୍‌.ଏ., ବି.ଏଡ୍‌
ଶ୍ରୀମତୀ ନିର୍ମଳା ପୃଷ୍ଟି, ବି.ଏ.
ଶ୍ରୀଯୁକ୍ତ ଶରତ ଚନ୍ଦ୍ର ସାହୁ, ବି.ଏ.
ଶ୍ରୀମତୀ ସସ୍ମିତା ବେହେରା, ଏମ୍‌.ଏ.
ଶ୍ରୀମତୀ କବିତା ସ୍ୱାଇଁ, ଏମ୍‌.ଏ
ଶ୍ରୀମତୀ ଶକୁନ୍ତଳା ମିଶ୍ର, ବି.ଏସ୍‌.ସି., ବି.ଏଡ୍‌
ଶ୍ରୀଯୁକ୍ତ ଦେବାନନ୍ଦ ଦାସ, ବି.ଏଫ୍‌.ଏ.
ଶ୍ରୀମତୀ ରେଣୁବାଳା ସାହୁ, ଏମ୍‌.କମ୍‌.
ଶ୍ରୀଯୁକ୍ତ ଶ୍ୟାମଳ ରଂଜନ ସାମନ୍ତରାୟ, ବି.ଏସ୍‌.ସି.ବିଏଡ୍‌
ଶ୍ରୀମତୀ ସରୋଜୁବାଳା ମିଶ୍ର, ଏମ୍‌. ଏ. ବି. ଏଡ୍‌.

ଶ୍ରୀଯୁକ୍ତ ରଞ୍ଜିତ୍‌ ମହାନ୍ତି, ମ୍ୟାଟ୍‌, ସି.ପି. ଏଡ୍‌.
ଶ୍ରୀମତୀ ଲୀନା ନାଥଶର୍ମା, ବି.ମସ୍‌.
ଶ୍ରୀମାନ୍‌ ଅମୂଲ୍ୟ ଚନ୍ଦ୍ର ରାଉତ୍‌, ବି.କମ୍‌.
ଶ୍ରୀମତୀ ସେବାଞ୍ଜଳିନ୍‌, ଏମ୍‌.ଏ.
ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ସାହୁ, ଏମ୍‌.ଏ. ବି.ଏଡ୍‌
ଶ୍ରୀମତୀ ମମତା ସ୍ୱାଇଁ, ବି. ମସ୍‌.
ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଦାସଅଧିକାରୀ, ଏମ୍‌.ଏ.
ଶ୍ରୀଯୁକ୍ତ ମନୋଜ କୁମାର ସାହୁ, ବି.ଏସ୍‌.ସି. ବି.ଏଡ୍‌,
ଶ୍ରୀମତୀ ସ୍ନେହାଞ୍ଜଳି କାନୁନ୍‌ଗୋ, ଏମ୍‌.ଏ.
ସୁଶ୍ରୀ ସୁଚିତ୍ରା ସାହୁ, ବି.ଏ., ବି.ଏଡ୍‌.
ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ବେହେରା, ଏମ୍‌.ଏ.ଏଲ୍‌.ଏଲ୍‌.ବି
ଶ୍ରୀମତୀ ନିରୁପମା ମହାନ୍ତି, ଏମ୍‌.ଏ., ବି.ଏଡ୍‌.
ଶ୍ରୀଯୁକ୍ତ ପ୍ରସନ୍ନ କୁମାର ପଣ୍ଡା, ବି.ଏସ୍‌.ସି. ବି.ଏଡ୍‌,
ଶ୍ରୀମତୀ ଦେବଯାନୀ ମିଶ୍ର, ଏମ୍‌.ଏ.
ଶ୍ରୀମତୀ ସ୍ୱର୍ଣ୍ଣଲତା ମହାପାତ୍ର, ବି.ଏ.
ଶ୍ରୀମତୀ ରୀନା ମହାପାତ୍ର, ବି.ଏ.ବିଏଡ୍‌
ଶ୍ରୀଯୁକ୍ତ ଜୟଦେବ ତ୍ରିପାଠୀ, ବି.କମ୍‌.
ଶ୍ରୀ ସନ୍ଦୀପ କୁମାର ମିତ୍ର, ବି.କମ୍‌.
ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ନାୟକ, ବି.ଏ.ବିଏଡ୍‌
ଶ୍ରୀମତୀ ପ୍ରଭାତୀ ପଣ୍ଡା, ବି.ଏ.
ଶ୍ରୀଯୁକ୍ତ ସମୀର ସୂତାର, ଏମ୍‌.ଏ.ବିଏଡ୍‌

ଶ୍ରୀଯୁକ୍ତ ରଶ୍ମୀ ରଞ୍ଜନ ନାୟକ, ଏମ୍.ଏ., ବି.ଏଡ୍, ଡ଼ି.ଆଇ.ଟି.

ଶ୍ରୀମତୀ ଅତସୀ କୁସୁମ ସ୍ୱାଇଁ, ଏମ୍.ଏ.

ଶ୍ରୀମତୀ ସୁଚିସ୍ମିତା ଶତପଥି, ବି.ଏ. ବି.ଏଡ୍,

ଶ୍ରୀମତୀ ମମତା ସିଂ, ବି.ଏ.

ଶ୍ରୀମତୀ ମୀନାକ୍ଷୀ ତ୍ରିପାଠୀ, ଏମ୍.ଏ.(ସଂସ୍କୃତ)

ଶ୍ରୀମତୀ କାଦମ୍ବିନୀ ନାୟକ, ବି.ଏ. (ହିନ୍ଦୀ ରତ୍ନ)

ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ବେହେରା, ବି.ଏସ୍.ସି.ବି.ଏଡ୍

ଶ୍ରୀମତୀ ବିନୋଦିନୀ ସାମନ୍ତରାୟ, ବି.ଏସ୍.ସି. ବି.ଏଡ୍,

ଶ୍ରୀମତୀ ସୁନୀତି ବେହେରା, ବି.ଏ.

ସୁଶ୍ରୀ ପ୍ରତିମା ସାହୁ, ବି.ଏ.ବି.ଏଡ୍,

ଶ୍ରୀମତୀ ସଂଘମିତ୍ରା ଦାସ, ଏମ୍.ଏ., ବି.ଏଡ୍.

ଶ୍ରୀମତୀ ସରିତା ନାୟକ, ବି.ଏସ୍.ସି., କମ୍ପ୍ୟୁଟର,ବି.ଏଡ୍,

ଶ୍ରୀମତୀ ଗୌରୀରାଣୀ ମିଶ୍ର, ବି.ଏ.

ଶ୍ରୀମତୀ ବବିତା ପ୍ରିୟଦର୍ଶିନୀ ମହାପାତ୍ର, ଏମ୍.ଏ.ବିଏଡ୍

ଶ୍ରୀଯୁକ୍ତ ଶୁଭକାନ୍ତ ଦାଶ, ବି.ଏ.

ଶ୍ରୀମତୀ ତପସ୍ୱିନୀ ମହାପାତ୍ର, ବି.ଏ.

ଶ୍ରୀମତୀ ଲିପ୍ସିତା ସ୍ୱାଇଁ, ବିଏସ୍.ସି., କମ୍ପ୍ୟୁଟର

ଶ୍ରୀମତୀ ସଂଯୁକ୍ତା ଓଝା, ବି.ଏ., ବି.ଏଡ୍,

ଶ୍ରୀମତୀ ପୁଷ୍ପରେଖା ମହାପାତ୍ର, ବି.ଏ., ସି.ଟି.

ବିକାଶ କୁମାର ସାହୁ, ବିଏ.

କାଜଲ ଭୂୟାଁ, ବି.ଏ., ବି.ଏଡ୍,

ସୁଶ୍ରୀ ହରପ୍ରିୟା ଦାସ, ବି.ଏସ୍.ସି.

ଶ୍ରୀମତୀ ବିଷ୍ଣୁପ୍ରିୟା ଷଡ଼ଙ୍ଗୀ, ଏମ୍.ଏ(ସଂସ୍କୃତ)ବିଏଡ୍

ଶ୍ରୀଯୁକ୍ତ ହିମାଂଶୁ କୁମାର ନାୟକ ବି.ଏ., ବି.ଏଡ୍

ଶ୍ରୀଯୁକ୍ତ କୁଳମଣି ରାଉତ ,ବିଏସ୍.ସି.

ଶ୍ରୀମତୀ ସୁଚିତ୍ରା ଚହଟ୍ଟରାୟ, ବି.ଏ., ବି.ଏଡ୍

## ସେବିକା / ସେବକ

ସୁଶ୍ରୀ ଆମ୍ଲନା ରେଡ୍ଡୀ, ସେବିକା

ଶ୍ରୀଯୁକ୍ତ ବିଳାସ ଚନ୍ଦ୍ର ବେହେରା, ସେବକ

ଶ୍ରୀଯୁକ୍ତ ସରୋଜ ରଂଜନ ସାହୁ, ସେବକ

ଶ୍ରୀମତୀ ପୂର୍ଣ୍ଣିମା ଚୌଧୁରୀ, ସେବିକା

ଶ୍ରୀମତୀ ନିରୁପମା ସେଠୀ, ସେବିକା

ଶ୍ରୀଯୁକ୍ତ କେଶବ ଚନ୍ଦ୍ର ମିଶ୍ର, ସେବକ ଓ ସୁରକ୍ଷାକର୍ମୀ

ଶ୍ରୀମାନ୍ ତପନ କୁମାର ଦାସ, ସେବକ

ଶ୍ରୀମତୀ ସୁନୀ ନାଏକ, ଝାଡୁଦାର

ଶ୍ରୀମତୀ ସବୁନା ଦେଇ, ଝାଡୁଦାର

## ସମ୍ପାଦକଙ୍କ ତୂଳୀରୁ.......



ସୃଜନଶୀଳତା ହେଉଛି ସ୍ୱତଃସ୍ଫୁର୍ତ୍ତ ଭାବନାର ଏକ ଆବେଗାତ୍ମକ ପରିପ୍ରକାଶ । ସ୍ରଷ୍ଟାର ସୃଷ୍ଟି ଚିରସ୍ରୋତା ତଟିନୀର ସ୍ରୋତ ସଦୃଶ ମାନସିକ ଭାବଧାରରା ଅନ୍ତର୍ନିହିତ ଗୁଣକୁ ପ୍ରତିବିମ୍ବିତ କରି ସମାଜକୁ ସାହିତ୍ୟିକ ଦିଗ୍ ଦର୍ଶନ ଦିଏ । ସାହିତ୍ୟ ସମାଜରେ ବୈପ୍ଳବିକ ପରିବର୍ତନ ଘଟାଇ ଶୈକ୍ଷିକ ଉନ୍ନତିର ମାର୍ଗ ଉନ୍ମୋଚନ କରେ । ସମାଜର ଶୈକ୍ଷିକ ବିକାଶ ଧାରାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷା ବ୍ୟବସ୍ଥା ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରରେ ଶିକ୍ଷା ଦାନର ବ୍ୟବସ୍ଥା କରି ସମାଜର ବିବିଧ କ୍ଷେତ୍ରରେ ଅଗ୍ରଧୂତ ଭାବେ ଦକ୍ଷତାର ସହିତ କୃଶଳୀ ଓ ଦକ୍ଷ ନାଗରିକ ଗଠନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଗିରି କନ୍ଦରରୁ ସୃଷ୍ଟ ନିର୍ଝରିଣୀ କଳକଳ ନାଦରେ ନିମ୍ନଗାମୀ ହୋଇ ତଟିନୀ ଗର୍ଭରେ ଲୀନ ହୋଇ ଯେପରି ପୂର୍ଣ୍ଣ ଗର୍ଭା ସୁନୀଳ ବାରିଧି ଗର୍ଭକୁ ପ୍ରବାହିତ ହୋଇ ବିରାଟ ସତା ଲାଭ କରେ, ଠିକ୍ ସେହିପରି କ୍ଷୁଦ୍ର ଶିଶୁ ଲେଖନୀ ସ୍ପର୍ଶରେ ତା'ର କ୍ଷୁଦ୍ର ମସ୍ତିଷ୍କରୁ ସୃଜନଶୀଳତା ସୃଷ୍ଟି ହୋଇ ପାଠକ ମାନଙ୍କୁ ଜ୍ଞାନାଲୋକର ସନ୍ଧାନ ଦେଇ ସମାଜକୁ ସୁସଂସ୍କୃତ ଓ ମାର୍ଜିତ କରାଏ ।

ଆମ ଶିଶୁ ମନ୍ଦିର ପରିବାରର ୩୭ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବର ସ୍ୱର୍ଣ୍ଣୀମ ମୁହୂର୍ତ୍ତରେ ପ୍ରକାଶିତ ହେବାକୁ ଯାଉଥିବା ବାର୍ଷିକ ମୁଖପତ୍ର **ସବୁଜଶ୍ରୀ** କୁ ମଣ୍ଡିତ ଓ ପଲ୍ଲଭିତ କରିଥିବା ସମସ୍ତ ଲେଖକ ଲେଖିକା କବି ଓ କବୟିତ୍ରୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଉତ୍ସାହ ପ୍ରଦାନ କରି ସେମାନଙ୍କ ଶୃଜନ ଶୀଳତାର ଉତ୍ତରୋତ୍ତର ଉନ୍ନତି ପାଇଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀ ଚରଣରେ ଭକ୍ତିପୁତ ଶ୍ରଦ୍ଧା ସୁମନ ଅର୍ପଣ କରୁଛି । ସମୟର ଚିରନ୍ତନ ସ୍ରୋତରେ ସମସ୍ତଙ୍କର ଜୀବନ ଡ଼ୋରୀ ବନ୍ଧା । କର୍ତ୍ତବ୍ୟର ପରିଧି ମଧ୍ୟରେ ବନ୍ଧା ହୋଇ ରହିବା ହେଉଛି ଜୀବନର ଧର୍ମ ସମାୟାନୁବର୍ତ୍ତିତା ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନକୁ ସଠିକ୍ ମାର୍ଗରେ ପରିଚାଳିତ କରି ସମାଜରେ ନିଜକୁ ପ୍ରତିଷ୍ଠିତ କରିବାର ଆହ୍ୱାନ ଆମ ସମ୍ମୁଖରେ ଦଣ୍ଡାୟମାନ ।

ଚାରିଗୋଟି ଭାଷାର ସମନ୍ୱୟରେ ଗଳ୍ପ, କବିତା, ପ୍ରବନ୍ଧ ଓ ଜଣାଅଜଣାକୁ ନେଇ 'ସବୁଜଶ୍ରୀ' ଆତ୍ମହରା । ଅମାପ ତା'ର ଶକ୍ତି, ଅଦ୍ଭୁତ ତା'ର କାର୍ଯ୍ୟଶୈଳୀ । ଆମେ ତାକୁ ଧରି ରଖିବାକୁ ଚେଷ୍ଟା କରୁଛୁ ସାହିତ୍ୟ ସମ୍ଭାରରେ, ତୂଳୀ ଓ କାଳିରେ । ଏହି ଛୋଟ ପ୍ରୟାସ ବଡ଼ ସମ୍ଭାବନାକୁ ବାଟ କଢାଉ । ଶେଷରେ ଜଗତର ନାଥ ଜଗନ୍ନାଥଙ୍କ ପାଦତଳେ 'ସବୁଜଶ୍ରୀ'ର ଦୀର୍ଘାୟୁ କାମନା କରି ରହୁଛୁ ।

**।। ଭାରତ ମାତା କୀ ଜୟ ।।**

**ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ବେହେରା**
ଆଚାର୍ଯ୍ୟ



# ପ୍ରଧାନ ଆଚାର୍ଯ୍ୟଙ୍କ କଲମରୁ.............

ଯେ କୌଣସି ରାଷ୍ଟ୍ରର ପ୍ରଗତିର ମାନଦଣ୍ଡ ଶିକ୍ଷା ଉପରେ ନିର୍ଭର କରେ । ଶିକ୍ଷାକୁ ସର୍ବାଧିକ ପ୍ରୋତ୍ସାହନ ହିଁ ରାଷ୍ଟ୍ରକୁ ସର୍ବାଧିକ ବିକଶିତ କରି ଗଢେ । ରାଷ୍ଟ୍ର ନିଜ ନାଗରିକଙ୍କ ମାନସିକ ଓ ବୌଦ୍ଧିକ ଜାଗୃତି ପାଇଁ ଗଢେ ଶିକ୍ଷାନୀତି । ଏହି ଶିକ୍ଷା ନୀତି ସାହାଯ୍ୟରେ ରାଷ୍ଟ୍ରରେ ଅନେକ ସୁଧାର ହୁଏ । ଏହି ସୁଧାର ଗୁଡ଼ିକୁ ବଜାୟ ରଖିବା ପାଇଁ ତଥା କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଯୋଜନା ମାଧମରେ ପ୍ରଚେଷ୍ଟା ଜାରି ରହେ । ଲକ୍ଷ୍ୟ ଥାଏ ଉତ୍ତର ପୀଢୀକୁ ଉନ୍ନତ ମାନସିକ ତଥା ବୌଦ୍ଧିକ ବିକାଶ ଦିଗରେ ଆଗେଇ ନେବା ।

ଏ ଶିଶୁ ମନ୍ଦିରରେ ମୁଁ ଜଣେ ଆଚାର୍ଯ୍ୟ ରୂପେ ଭାବେ ଯୋଗ ଦେଇଥିଲି । ଆଚର୍ଯ୍ୟରୁ ପ୍ରଧାନ ଆଚାର୍ଯ୍ୟ ହେବା ପର୍ଯ୍ୟନ୍ତ ଅନେକ ଘାତ ପ୍ରତିଘାତ ଆସିଛି । ଈଶ୍ୱର ଓ ଶୁଭେଚ୍ଛୁମାନଙ୍କ ଆର୍ଶୀବାଦରୁ ମୁଁ ମୋର କାର୍ଯ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟା, ସେବକ ସେବିକା ଓ ପରିଚାଳନା ସମିତିଙ୍କ ସହଯୋଗରେ ସୁଚାରୁ ରୂପେ ତୁଲାଇ ଆସିଛି । ଶିକ୍ଷା ବିକାଶ ସମିତିଙ୍କ ନୀତି ନିୟମ ଓ ନିର୍ଦ୍ଦେଶାବଳୀକୁ ଆମ ବିଦ୍ୟାଳୟ ଉପଯୁକ୍ତଭାବେ ପାଳନ କରେ । ଆଜିର ଏହି ୩୭ ତମ ବାର୍ଷିକ ଉତ୍ସବ ତଥା ପ୍ରତିଷ୍ଠା ଦିବସ ଅବସରରେ ମୁଁ ଆମ ବିଦ୍ୟାଳୟର ଅଭିଭାବକ, ଅଭିଭାବିକା, ପୂର୍ବ ଛାତ୍ରଛାତ୍ରୀ ପରିଚାଳନା ସମିତି ସଦସ୍ୟମାନଙ୍କର ସହଯୋଗ ତଥା ବିଦ୍ୟାଳୟ ବିକାଶରେ ଭାଗୀଦାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

ସ୍ନେହର ଛାତ୍ରଛାତ୍ରୀଗଣ ପାଠପଢାରେ ପ୍ରବୀଣ ବା କମ୍ ହେବା ଏକ ଆପେକ୍ଷିକ ସ୍ଥିତି କିନ୍ତୁ ଅନ୍ତର୍ନିହିତ ଗୁଣକୁ ବିକାଶ କରାଇବା ଆମର ଲକ୍ଷ୍ୟ ଅଟେ । ଆମେ ସବୁ ଅମୃତର ସନ୍ତାନ ହୀନା ମାନ୍ୟତା ଏବଂ ଅହଂ ଭାବ ଠାରୁ ଦୂରରେ ରହି ଆମେ ଏକ ସୁଦୃଢ ଓ ସସତଭାରତ ଗଢିବାର ପ୍ରତିଜ୍ଞା ନେବା ।

ଆଜି ଆମର ପ୍ରତିକ୍ଷିତ ବାର୍ଷିକ ଉତ୍ସବ ଅବସରରେ ଉନ୍ମୋଚିତ ହେବାକୁ ଯାଉଛି ତୁମ ମାନଙ୍କର ସୃଜନଶୀଳତାର ନିଦର୍ଶନ ଆମ ବିଦ୍ୟାଳୟର ମୁଖପତ୍ର **"ସବୁଜଶ୍ରୀ"** ଏହି ଅବସରରେ ଏହାର ସଫଳ ରୂପାୟନ କରିଥିବା ସମସ୍ତ ସ୍ନେହର ଛାତ୍ରଛାତ୍ରୀ, ଆଚାର୍ଯ୍ୟ ଆଚାର୍ଯ୍ୟା, ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା ଗଣ ଓ ସମସ୍ତ ଶୁଭେଚ୍ଛୁ ଙ୍କୁ ଅନେକ ଅଭିନନ୍ଦନ ଓ ଆନ୍ତରିକ ଶୁଭେଚ୍ଛା ।

**।। ଭାରତ ମାତା କି ଜୟ ।।**

**ଶ୍ରୀଯୁକ୍ତ ମନୋଜ କୁମାର ଦାଶ**
ପ୍ରଧାନ ଆଚାର୍ଯ୍ୟ


1(0) BN N C C
Session:-2023-24
SSVM COLLEGE SQUARE CUTTACK




SHREE GURUJEE SCOUT TROOP
SSVM COLLEGE SQUARE, CUTTACK
Session 2023-24


RANI LAXMIBAI GUIDE COMPANY
SSVM COLLEGE SQUARE, CUTTACK
20023-24


ଜଳ ଛତ୍ର କାର୍ଯ୍ୟକ୍ରମ
S S V M COLLEGE SQUARE




ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କଲେଜଛକ, କଟକ


ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
2024/4/5 09:25



















# ଓଡ଼ିଆ

# ବିଭାଗ

# ତକ୍ଷଶିଳା

## (ବିଶ୍ୱର ଶ୍ରେଷ୍ଠ ଓ ପ୍ରଥମ ବିଶ୍ୱ ବିଦ୍ୟାଳୟ)

**ଶ୍ରୀମତୀ ବବିତା ପ୍ରିୟଦର୍ଶିନୀ ମହାପାତ୍ର**
**ଆଚାର୍ଯ୍ୟା, (ଓଡ଼ିଆ ବିଭାଗ)**

ହିନ୍ଦୁ ଶାସ୍ତ୍ର ପୁରାଣ ତଥା କିମ୍ବଦନ୍ତୀ ଅନୁସାରେ ତକ୍ଷଶୀଳା ସହର ଯାହାକି ପାଲି ଭାଷାରେ ଟକ୍କାଶିଲୀ(ଇଂରାଜୀରେ **Taksasila** - ଯାହାର ଅର୍ଥ ସିଟି ଅଫ୍ କଟ୍ ଷ୍ଟୋନ୍) ଭାବରେ ଜଣାଶୁଣା । ଏହି ସହରଟି ଖ୍ରୀ.ପୂ. ୭ମ ଶତାବ୍ଦୀ ପ୍ରତିଷ୍ଠିତ ହୋଇଥିବା ଦକ୍ଷିଣ ଏସିଆର ଏକ ପୁରାତନ ସହର ।

ରାମାୟଣ ଅନୁସାରେ ଭରତଙ୍କ ପୁଅ ତକ୍ଷ ଏହି ସହରର ପ୍ରତିଷ୍ଠାତା ଥିଲେ । ତେଣୁ ତାଙ୍କ ନାମ ଅନୁସାରେ ଏହି ସହର ନାମିତ ହୋଇଥିଲା । ଇତିହାସରେ ଗାନ୍ଧାର ରାଜ୍ୟର ରାୀଜଧାନୀ ଭାବରେ ସମୃଦ୍ଧ ତକ୍ଷଶୀଳା ନଗର ଜଣାଶୁଣା । ଏଠାରେ ଥିଲା ବିଶ୍ୱର ସର୍ବ ବୃହତ ଓ ସର୍ବ ପ୍ରାଚୀନ ବିଶ୍ୱ ବିଦ୍ୟାଳୟ । ଯାହାକି ତକ୍ଷଶୀଳା ବିଶ୍ୱ ବିଦ୍ୟାଳୟ ନାମରେ ପ୍ରସିଦ୍ଧ ଥିଲା ।

ତକ୍ଷଶୀଳା ସହରର ଉଲ୍ଲେଖ ଋକ୍‌ବେଦ, ବାଲ୍ମିକୀ ରାମାୟଣ, ମହାଭାରତ, ତ୍ରିପିଟକ ଯାତକ ତଥା ଆଦି ଅନେକ ଗ୍ରନ୍ଥରେ ଦେଖିବାକୁ ମିଳେ । ପରେ ଗ୍ରୀକ୍ ମାନେ ଏହି ବିଶ୍ୱ ବିଦ୍ୟାଳୟକୁ ଜୁଲିୟାନ୍ ୟୁନିଭରସିଟି ନାମରେ ନାମିତ କରିଥିଲେ । ମାତ୍ର ଏହି ବଶ୍ୱ ବିଦ୍ୟାଳୟ ପ୍ରାଚୀନ ଭାରତର ଏକ ଗୌରବୋଜ୍ଜ୍ୱଳ କିର୍ତୀଭାବରେ ସାରା ବିଶ୍ୱରେ ପରିଚିତ ।

ବର୍ତମାନ ଏହି ସହରର ଅବଶେଷ ପାକିସ୍ଥାନରେ ରହିଛି । ପ୍ରାଚୀନ ଭାରତରେ ଏହି ସ୍ଥାନ ଶିକ୍ଷା ତଥା ବାଣିଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଥିଲା । ତକ୍ଷଶୀଳାର ଇତିହାସ ବୈଦିକ ଯୁଗରୁ ଆରମ୍ଭ ହୋଇଥିଲା ଓ ଏହି ସ୍ଥାନ ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ ହୋଇ ଭାରତୀୟ ଉପମହାଦେଶ ସହିତ ବିଶ୍ୱର ଅନେକ ଦେଶର ପଣ୍ଡିତ, ଜ୍ଞାନୀ ଓ ମେଧାବୀ ଛାତ୍ରଙ୍କୁ ଆକର୍ଷିତ କରିଥିଲା । ବୌଦ୍ଧିକ ଶିକ୍ଷାର କେନ୍ଦ୍ର ଭାବରେ ପରିଚିତ ଏହି ସହର ଏକଦା ବୌଦ୍ଧ ଧର୍ମର ବିକାଶ ଓ ବିସ୍ତାରର ପ୍ରମୁଖ କେନ୍ଦ୍ର ପାଲଟିଥିଲା । ଏହି ପ୍ରାଚୀନ ବିଶ୍ୱ ବିଦ୍ୟାଳୟରେ ଧର୍ମ, ଦର୍ଶନ, ଭେଷଜ ଓ ଜ୍ୟୋତିର୍ବିଜ୍ଞାନ ଭଳି ବିଷୟ ଗୁଡ଼ିକରେ ଉଚ୍ଚ କୋଟିର ଶିକ୍ଷାଦାନର ବ୍ୟବସ୍ଥା ଥିଲା ।

ତତ୍‌କାଳୀନ ବିଶ୍ୱର ଏହା ଏକ ପ୍ରମୁଖ ବାଣିଜ୍ୟ ମାର୍ଗ ଥିବାରୁ ପ୍ରାଚୀନ ଭାରତରେ ଏହି ସହର ଯଥେଷ୍ଟ ଗୁରୁତ୍ୱ ପୂର୍ଣ୍ଣ ଥିଲା । ତକ୍ଷଣୀଳା ଥିଲା ପ୍ରାଚୀନ ଭାରତୀୟ ଉପମହାଦେଶ, ମଧ୍ୟ ଏସିଆ, ମଧ୍ୟ ପୂର୍ବ ଏସିଆ ଓ ୟୁରୋପ ମହାଦେଶର ଏକ ସଂଯୋଗ ସ୍ଥଳୀ । ଏଣୁ ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଏ ସ୍ଥାନ ଏକ ଗୁରୁତ୍ୱପୂର୍ଣ୍ଣ ହେବା ସହ ସାଂସ୍କୃତିକ ଆଦାନ ପ୍ରଦାନକୁ ସୁଗମ କରିଥିଲା । ଏଣୁ ଏହି ସ୍ଥାନ ଏକ ସମୃଦ୍ଧ ଐତିହାସିକ ସ୍ଥାନ ହେବା ସହ ଶିକ୍ଷା, ସଂସ୍କୃତି ଓ ବାଣିଜ୍ୟର ପ୍ରମୁଖ କେନ୍ଦ୍ର ପାଲଟି ପ୍ରାଚୀନ ଭାରତର ଗୌରବ ବୃଦ୍ଧି କରୁଥିଲା ।

ଖ୍ରୀ. ପୂର୍ବ ପ୍ରାୟ ୭୦୦ ମସିହା ବେଳକୁ, ଆଜକୁ ପ୍ରାୟ ୩୦୦୦ ବର୍ଷ ପୂର୍ବେ ଏହି ବିଶ୍ୱ ବିଦ୍ୟାଳୟର ସ୍ଥାପନା ହୋଇଥିଲା । ବର୍ତମାନ ପାକିସ୍ଥାନର ରାଓଲପିଣ୍ଡିଠାରୁ ୩୫କି.ମି. ଉତର ପଶ୍ଚିମ ଦିଗରେ ଏହି ବିଶ୍ୱ ବିଦ୍ୟାଳୟର ଅବସ୍ଥିତି ଥିଲା । ବର୍ତମାନ ଏହା ବିଶ୍ୱର ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର । ଖ୍ରୀ.ପୂର୍ବ ୭୦୦ରୁ ଖ୍ରୀ.ଅ. ୫୦୦ ମଧ୍ୟରେ ଏହି ବିଶ୍ୱ ବିଦ୍ୟାଳୟର ଅସ୍ତିତ୍ୱ ଥିବାର ପ୍ରମାଣ ମିଳେ । ଦୀର୍ଘ ୧୨୦୦ ବର୍ଷ ପର୍ଯ୍ୟନ୍ତ ଜ୍ଞାନ ବିତରଣର ପ୍ରମୁଖ କେନ୍ଦ୍ର ପାଲଟିଥିଲା ଭାରତର ଏହି ଗୌରବାବହ ସ୍ଥାନ । ଖ୍ରୀ.ଅ. ୫ମ ଶତାବ୍ଦୀ ବେଳକୁ ହୁଣ ମାନେ ଆକ୍ରମଣ କରି ଏହି ଶିକ୍ଷା କେନ୍ଦ୍ରକୁ ନଷ୍ଟ ଭ୍ରଷ୍ଟ କରିଥିଲେ ତଥା ଲୁଟ୍‌ପାଟ୍ ମଧ୍ୟ କରିଥିଲେ । ପରେ ଆରବୀୟ ଓ ତୁର୍କୀ ଅକ୍ରମଣକାରୀ ମାନେ ଏହି ବିଶ୍ୱ ବିଦ୍ୟାଳୟର ସଂସ୍କୃତି ଓ ଧର୍ମଗ୍ରନ୍ଥ ଗୁଡ଼ିକୁ ନଷ୍ଟ କରିଥିଲେ ।

ତକ୍ଷଶୀଳା ବିଶ୍ୱ ବିଦ୍ୟାଳୟ ଥିଲା ତତ୍‌କାଳୀନ ସମୟର ଏକ ଶ୍ରେଷ୍ଠ ଜ୍ଞାନ କେନ୍ଦ୍ର । ଭାରତର ବିଭିନ୍ନ ରାଜ୍ୟ ସହିତ ଆଫଗାନୀସ୍ଥାନ, ସିରିଆ, ମିଶର ତଥା ପୂର୍ବ ଏସିଅ ଦେଶମାନଙ୍କରୁ ଛାତ୍ର ଆସି ଏଠାରେ ଜ୍ଞାନ ଆହରଣ କରୁଥିଲେ ।

ପ୍ରାୟ ୧୦୦୦୦ ରୁ ଅଧିକ ବିଦ୍ୟାର୍ଥୀ ଧର୍ମ, ଯୁଦ୍ଧବିଦ୍ୟା, ଦର୍ଶନ, ଜ୍ୟୋତିଷଶାସ୍ତ୍ର, ତନ୍ତ୍ର ବିଦ୍ୟା, ଚିକିତ୍ସା, ଚିତ୍ରକଳା, ନୃତ୍ୟକଳା, ସଂଗୀତ, କୃଷି ଆଦି ମୋଟ ୬୪ଟି ବିଷୟରେ ବିଶେଷ ତଥା ଉଚ୍ଚ କୋଟିର ଜ୍ଞାନ ଆହୋରଣ କରୁଥିଲେ ।

ବିଶ୍ୱ ବିଦ୍ୟାଳୟରେ ପ୍ରବେଶ ପୂର୍ବରୁ ଛାତ୍ରମାନଙ୍କୁ ସ୍ଥାନୀୟ ଭାବରେ ପ୍ରାୟ ୮ ବର୍ଷର ପ୍ରାଥମିକ ଜ୍ଞାନ ଆହରଣ କରିବାକୁ ପଡୁଥିଲା । ଏଠାରେ ଗୁରୁଶିଷ୍ୟ ପରମ୍ପରା ଆଧାରିତ ଶିକ୍ଷା ପଦ୍ଧତି ଥିଲା । ଏଠାରେ କୌଣସି ବେତନଭୋଗୀ ଶିକ୍ଷକ ନ ଥିଲେ । ଆଚାର୍ଯ୍ୟମାନେ ନିଃଶୁଳ୍କ ଶିଷ୍ୟମାନଙ୍କୁ ଜ୍ଞାନ ପ୍ରଦାନ କରୁଥିଲେ ଓ ଶିଷ୍ୟମାନେ ଗୃହତ୍ୟାଗ ପୂର୍ବକ କୁରୁକୂଳ ଆଶ୍ରମରେ ସେବା କାର୍ଯ୍ୟ ସହ ଜ୍ଞାନ ଲାଭ କରୁଥିଲେ । କୌଣସି ନିର୍ଦ୍ଧାରିତ ପାଠ୍ୟକ୍ରମ ପ୍ରଚଳିତ ନ ଥିଲା । ଗୋଟିଏ ବିଷୟରେ ଜ୍ଞାନୀ ହେବା ପାଇଁ ଜଣେ ଶିଷ୍ୟ ସର୍ବାଧିକ ୧୨ ବର୍ଷ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ ଓ ତତ୍‌ପରେ ଗୁରୁଦିକ୍ଷା ଗ୍ରହଣ ପୂର୍ବକ ସେ ସମାଜ ମଙ୍ଗଳକାରୀ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଆବଶ୍ୟକ ସ୍ଥଳେ ୧୨ ବର୍ଷ ପୂର୍ବରୁ ମଧ୍ୟ ମେଧାବୀ ଶିଷ୍ୟମାନେ ଶିକ୍ଷା ସମାପ୍ତ କରିପାରୁଥିଲେ । ଏଠାରେ କୌଣସି ଲିଖିତ ପରୀକ୍ଷା ବ୍ୟବସ୍ଥା ନ ଥବଲା ତଥା କୌଣସି ମାନ ପତ୍ର ମଧ୍ୟ ପ୍ରଦାନ କରା ଯାଉ ନ ଥିଲା । କେବଳ

ବ୍ୟାବହାରିକ ଜ୍ଞାନ ଆଧାରରେ ପରୀକ୍ଷା ନିଆଯାଉଥିଲା । ଯେପରି - ଆଚାର୍ଯ୍ୟ ଜୀବକ ଗୁରୁ ଅତ୍ରେୟଙ୍କ ଆଜ୍ଞାରେ ଔଷଧୀୟ ଗୁଣ ନ ଥିବା ଉଦ୍ଭିଦ ଖୋଜିବାକୁ ଯାଇ ପୃଥିବୀର ସମସ୍ତ ଉଦ୍ଭିଦରେ କୌଣସି ନା କୌଣସି ଔଷଧୀୟ ଗୁଣର ସନ୍ଧାନ ପାଇ ଫେରିଥିଲେ ଓ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ।



ଏହି ବିଶ୍ୱ ବିଦ୍ୟାଳୟରେ ଧନୀ ଦରିଦ୍ର ସମସ୍ତ ଛାତ୍ର ସମାନ ସୁବିଧା ସୁଯୋଗ ପାଉଥିଲେ । ପୁରାତନ ଭାରତର ଅନେକ ରାଜକୁମାର ଏଠାରେ ଶିକ୍ଷା ଗ୍ରହଣ କରିଥିବାର ପ୍ରମାଣ ରହିଛି । ରାଜା ମହାରାଜାମାନଙ୍କ ଦ୍ୱାରା ଏହି ବିଶ୍ୱ ବିଦ୍ୟାଳୟର ଆଚାର୍ଯ୍ୟ ମାନଙ୍କୁ ଯଥେଷ୍ଟ ଅନୁଦାନ ମିଳୁଥିଲା । ଯେଉଁଥିରେ ଏହି ବିଶ୍ୱ ବିଦ୍ୟାଳୟ ପରିଚାଳିତ ହେଉଥିଲା । ଏଠାରୁ ଜ୍ଞାନାର୍ଜନ କରି ବିଶ୍ୱ ବରେଣ୍ୟ ହୋଇଥିବା ଜ୍ଞାନୀ ଗୁଣୀଙ୍କ ମଧରେ କୌଟିଲ୍ୟ(ଚାଣକ୍ୟ), ସମ୍ରାଟ ଚନ୍ଦ୍ରଗୁପ୍ତ, ଉପମନ୍ୟୁ, ଆରୁଣୀ, ଅଗ୍ନିଜିତ୍ ପ୍ରସେଂଜିତ୍, ଜୀବକ, ପାଣିନୀ, କତ୍ୟାୟନ, ପତଞ୍ଜଳୀ, ଚରକ ଆଦି ଥିଲେ ପ୍ରମୁଖ ।

ମାନବ ସଭ୍ୟତାରେ ବିକାଶରେ ଭାରତର ମହନୀୟତା ପ୍ରତପାଦନରେ ତକ୍ଷଶୀଳା ବିଶ୍ୱ ବିଦ୍ୟାଳୟ କିର୍ତୀମାନ ସ୍ଥାପନା କରିଥିଲା । ତକ୍ଷଶୀଳା ମଧମରେ ପ୍ରାଚୀନ ଭାରତ ବିଶ୍ୱ ଗୁରୁ ଭାବରେ ସାରା ବିଶ୍ୱକୁ ଆଲୋକ ବର୍ତିକା ପ୍ରଦାନ କରୁଥିଲା । ଏଥିରେ ସନ୍ଦେହର ଅବକାଶ ନାହିଁ ।

◆◆◆

## ଏଇ ଦେଶ ମୋର ଜଗତ ଜନନୀ

ନାମ - ପ୍ରଗତି ସ୍ୱୟଂପ୍ରଭା ସ୍ୱାଇଁ
ଶ୍ରେଣୀ - ପୂର୍ବତନ ଛାତ୍ରୀ

ଏଇ ଦେଶ ମୋର ଜଗତ ଜନନୀ
ଜନମି କେଳେ ମୁଁ ତାହର ।
ତା'ର ଯଶ କୀର୍ତି ରଖିବା ପାଇଁ କି
ଯାଉ ଏ ଜୀବନ ମୋହର ।।
ଏ ଦେଶର ମାଟି ଚନ୍ଦନ ମୋ ପାଇଁ
ପବନ ପ୍ରାଣ ମୋ ଦେହର ।
ତା'ର ଫଳପୁଷ୍ପ ଦେଇଛି ଜୀବନ
କରଜ ସୁଝିବି ତାହାର ।।
ଜନମ ମାଟି ମୋ ଜଗତରେ ସାର
ନିଜେ ଉପମା ସେ ନିଜର
ସେଇ ମାଟି ପରେ ମଥାନତ କରି
ଖ୍ୟାତି ଅରଜିବି ଅପାର ।।
ଏଇ ମୋ ମା'ର ସୁକୋମଳ ଅଙ୍କେ
ଝରଣା କାନନ ସୁନ୍ଦର ।
ଗିରିରାଜ କନ୍ୟା ତଟିନୀ ଅନନ୍ୟା
ଚିତ ମୋହିନିଏ ସବୁର ।।
ବିଶ୍ୱ ବନ୍ଦନୀୟା ଜନନୀ ମୋହର
ଜନମନ୍ତି ଏଠି ଈଶ୍ୱର ।
ମା' ପରା ସିଏ ବୀର ପ୍ରସବିନି
ଗୁରୁ ଅଟେ ସାରା ବିଶ୍ୱର ।।



***

# ଶିଶୁବାଟିକା

ନାମ- ନିର୍ମଳା ପୃଷ୍ଟି
(ଆଚାର୍ଯ୍ୟା)

ଶିଶୁମାନଙ୍କର ବିକାଶ ନିମନ୍ତେ
ହୋଇଛି 'ଶିଶୁବାଟିକା',
ହସି, ଖେଳି, ନାଚି, ପାଠ ପଢେ ଶିଶୁ
ମନରେ ନ ଥାଏ ଦକା ।

ପିତା, ମାତା, ପରିବାର ଛାଡ଼ି ଶିଶୁ
ଗୁରୁମା' ପାଖରେ ରହେ,
ଗୁରୁମା'ଙ୍କ ସ୍ନେହ, ଆଦର ପାଇ ସେ
ମାଆ କୋଳ ଭୁଲି ଯାଏ ।

ଗୁରୁମା'ଙ୍କ କଥା ମାନି ଚଳେ ସଦା
ସତେକି ବେଦର ଗାର,
ଗୁରୁମା'ଙ୍କ ନ ଦେଖିଲେ ମନତା'ର
ହୁଅଇ ସଦା ଅସ୍ଥିର ।

ଗୁରୁମା' ତାହାର ସବୁଠାରୁ ପ୍ରିୟ
ସବୁ ସମୟର ସାଥୀ,
ଗୁରୁମା'ଙ୍କ ପାଶେ ସବୁ କଥା କହେ
ମନରେ ନ ରଖି ଭୀତି ।

'ଶିଶୁବାଟିକାର' ଗୁରୁମା' ଅଟନ୍ତି
ମାଆ ଠାରୁ ବଳି ମାଆ,
ସେଥିପାଇଁ ତାଙ୍କୁ କହନ୍ତି ସରବେ
'ଶିଶୁବାଟିକା' ଗୁରୁମା ।

ମନରେ ତାଙ୍କର ଅନାବିଳ ସ୍ନେହ
ଓଠେ ମମତା'ର ହସ,
କାନ୍ଦୁଥିବା ଶିଶୁ ଦେଇଥାଏ ହସି
ପାଇ ଗୁରୁମା' ପରଶ ।

ଶାରୀରିକ, ଆଉ ପ୍ରାଣିକ, ବୌଦ୍ଧିକ
ମାନସିକ ଯେ ଆତ୍ମିକ,
ବ୍ୟବହାରିକ ଯେ ଏଇ ଛଅ କ୍ରିୟା,
ଶିଶୁପାଇଁ ଆବଶ୍ୟକ ।

ଅନୌପଚାରିକ ଶିକ୍ଷା ପାଏ ଶିଶୁ
ଏହାକୁ କରି ଆଧାର,
ଅନ୍ତରନିହିତ ସର୍ବ ଗୁଣାବଳୀ
ବିକଶିତ ହୁଏ ତା'ର ।

'ଶିଶୁବାଟିକାର' ସହଯୋଗୀ ସଦା
ଅଟନ୍ତି ଅଭିଭାବକ,
ତାଙ୍କ ସହଯୋଗ ପାଇ ସବୁ କାର୍ଯ୍ୟ
ହୁଅଇ ସିନା ସାର୍ଥକ ।

'ଶିଶୁବାଟିକା'ର ପ୍ରମୁଖ ଅଟନ୍ତି
ସର୍ବ ମୁଖ୍ୟ ସହାୟିକା,
ସଦା ସର୍ବଦା ସେ କର୍ମେ ରତ ରହି
ଚଳାନ୍ତି 'ଶିଶୁବାଟିକା' ।

ଆମ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ
ସର୍ବ ବ୍ୟବସ୍ଥା ପ୍ରମୁଖ,
'ଶିଶୁବାଟିକା' ର ଉନ୍ନତି ନିମନ୍ତେ
ସଦାବେଳେ ସହାୟକ ।

***

# ସାହିତ୍ୟ ଓ ସମାଜ

ନାମ- ଓମ୍ ପ୍ରକାଶ ମିଶ୍ର
ଶ୍ରେଣୀ - ୯ମ

ଭଗବାନଙ୍କର ସୃଷ୍ଟ ଏହି ଅପୂର୍ବ ସୌନ୍ଦର୍ଯ୍ୟମୟ ପ୍ରକୃତିର କ୍ରମବିକାଶ ଘଟିଲା ଏବଂ ଆଦିମ ମଣିଷ ସ୍ଥାୟୀ ଭାବରେ ବସତି ସ୍ଥାପନ କଲା ପରେ ଧୀରେ ଧୀରେ ଗ୍ରାମ ଓ ସମାଜ ଗଢି ଉଠିଲା । ଆଦିମ ଓ ଅସଭ୍ୟ ମାନବ ସଭ୍ୟତାର ପ୍ରଥମ ଇଙ୍ଗିତ ଲାଭ କଲା ଭାଷାରେ । ମଣିଷ ଅନ୍ୟ ନିକଟରେ ନିଜ ମନର ଭାବକୁ ପ୍ରକାଶିତ କଲା, ଶାବ୍ଦିକ ବ୍ୟଞ୍ଜନା ଦୃଷ୍ଟିରୁ ଯାହା ମାନବ ସମାଜର ହିତ ସାଧନ କରେ ତାହା ହିଁ **"ସାହିତ୍ୟ"** ଭାବରେ ବିଦିତ ହେଲା । ସାହିତ୍ୟ ଦ୍ୱାରା ସମାଜର ବିକାଶ ରଥ ହିମାଳୟର ଶିଖରରେ ପହଞ୍ଚିଲା । ସାହିତ୍ୟ ଦ୍ୱାରା ଅନେକ ସୂକ୍ଷ୍ମ ଦୃଷ୍ଟି ସମ୍ପନ୍ନ ମହାମନିଷୀ ଯେଉଁ ଉଚ୍ଚଚିନ୍ତାମାନ ସମାଜ ହସ୍ତରେ ଅର୍ପଣ କରିଥିଲେ, ତଦ୍ୱାରା ସମାଜ ଅଭିନବ ରୂପରେ ବିକାଶ ଲାଭ କଲା । ତେଣୁ ଚୀନ୍‌ର ମହାତ୍ମା କନ୍‌ଫୁସିୟସ୍‌ଙ୍କ ମତରେ - "Literature is the refelction of society , ଅର୍ଥାତ୍ ସାହିତ୍ୟ ହେଉଛି ସମାଜର ଦର୍ପଣ ।"

ସାହିତ୍ୟ ଦ୍ୱାରା ସାମଜ ମାର୍ଜିତ, ସୁସଂସ୍କୃତିସଂପନ୍ନ, ବିକଶିତ, ଉନ୍ନତ ଓ ଉଜ୍ଜ୍ୱଳ ହୋଇଥାଏ । ସାହିତ୍ୟ ବହୁ ସମାଜ-ସଂସ୍କାରମୂଳକ ପ୍ରବନ୍ଧ ରଚନା କରି ଭାରତୀୟ ସମାଜ ବିଶେଷତଃ ଭାରତୀୟ ପଲ୍ଲୀ - ସମାଜକୁ ମାର୍ଜିତ ଏବଂ ଶୃଙ୍ଖଳିତ କରୁଛି । ସହିତ୍ୟକୁ ଉପଯୁକ୍ତ ମର୍ଯ୍ୟାଦା ଦେଲେ ସମାଜ କକ୍ଷଚ୍ୟୁତ ବା ପଥଚ୍ୟୁତ ହେବାର ଭୟ ନ ଥାଏ । କାରଣ ସାହିତ୍ୟ ଭଳି ଦର୍ପଣରେ ସମାଜ ନିଜର ତ୍ରୁଟି ଦର୍ଶନ କରି ସେଗୁଡ଼ିକୁ ଦୂର କରିବା ନିମିତ ଯତ୍ନବାନ୍ ହୁଏ । ନବୀନ, ଆଧାତ୍ମିକ ଓ ବିକଶିତ ସମାଜର ପରିପୁଷ୍ଟି ଓ ବିକାଶ ପ୍ରଧାନତଃ ସାହିତ୍ୟ ଉପରେ ନିର୍ଭର କରିଥିଲା; ତେଣୁ ସାହିତ୍ୟ ସଭ୍ୟ ସମାଜର ମୂଳଭିତ୍ତି ।

ସାହିତ୍ୟର ଲକ୍ଷ୍ୟ ହେଲା ଜ୍ଞାନ ଓ ଆନନ୍ଦ ଦେବା । ସାହିତ୍ୟ ସମାଜର ଚିତ୍ର ପ୍ରଦାନ କରେ, ବେଳେବେଳେ କଳ୍ପନାକୁ ମଧ ମିଳାଇଥାଏ । କେଉଁଠି ଯୁକ୍ତି ତ କେଉଁଠି ତୁଳନା ବା ଉପମାକୁ ଲଗାଏ । ସାହିତ୍ୟ ଏଭଳି ଭାବରେ ନିଜର ସୁନ୍ଦରତାର ପରିଚୟ ଦିଏ । ସାହିତ୍ୟ ମାନବ ମଧରେ ବିଭିନ୍ନ କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୋଧରେ ବିପ୍ଳବ ସୃଷ୍ଟି କରି ତାହାର ନିରାକରଣ କରେ । ଏ ସୁପ୍ତ ଜାତିକୁ ଜାଗୃତ କରିବାରେ ସାହିତ୍ୟ ନେଇଛି ଅଗ୍ରଣୀ ଭୂମିକା । ସାମାଜିକ ଚେତନାର ଆବାହକ ଓ ଏହାର ଧାରକ ଏବଂ ବାହାକ ହେଉଛି ସାହତ୍ୟ ।

ସମାଜ ମଧରେ ସାହିତ୍ୟର ସୃଷ୍ଟି । ସମାଜର ଆଦର-ଅଭ୍ୟର୍ଥନାରେ ସାହିତ୍ୟର ସ୍ଥିତି ଓ ବିକାଶ । ସମାଜର ମହାର୍ଘ ସମ୍ମାନ ଲାଭ କରି ସାହିତ୍ୟିକର ସୃଜନଶୀଳତା ବୃଦ୍ଧିଲାଭ କରେ । ଫଳରେ ସାହିତ୍ୟର ଅଭିବୃଦ୍ଧି ଘଟି ଚାଲିଛି ବା ଘଟିଛି ମଧ । ସମାଜର ସାଧନ ମଧରୁ ପ୍ରଗତି, ଉନ୍ନତି ଓ ବିକାଶ ପଥରେ ସାହିତ୍ୟ ଅଗ୍ରଗତି କରେ । ସମାଜର ଅବଦାନ ଯୋଗୁଁ ସାହିତ୍ୟ ମଧ ଶୁଦ୍ଧ ଓ ମାର୍ଜିତ ହୋଇପାରିଛି । ତେଣୁ ସମାଜର ସାହିତ୍ୟକୁ ଦାନ ଅତୁଳନୀୟ ।

ସାହିତ୍ୟ ଓ ଏହାର ଅଙ୍ଗୀକାରବଦ୍ଧତା ସର୍ବତ୍ର ସ୍ୱୀକୃତ । ଓଡ଼ିଆ ସାହିତ୍ୟରେ ପଂଚଦଶ ଶତାବ୍ଦୀ ସାମାଜିକ ଚେତନାର ଝଲକ ପ୍ରଥମେ ଶୁଦ୍ରମୁନି ଶାରଳାଦାସଙ୍କ ମହାଭାରତ ଭଳି ମହାକାବ୍ୟରେ ପ୍ରତିଫଳିତ ହୋଇଥିଲା । ସେହିଭଳି ଯୁଗର ଯୁଗକ୍ରମେ ଭାଗବତ, କାବ୍ୟ, କାହାଣୀ, ନାଟକ ଇତ୍ୟାଦି ସାମାଜିକ ଚିତ୍ର ବହନ କରି ସାହତ୍ୟ ହୋଇଛି କାଳୋର୍ତ୍ତୀର୍ଣ୍ଣ । ଅସିଠାରୁ ମସୀର କ୍ଷମତା ଅଧିକ ବୋଲି ଯୁଗେ ଯୁଗେ ସ୍ୱୀକାର କରାଯାଇଛି । ତେଣୁ ସ୍ୱାଧୀନତା ଆନ୍ଦୋଳନରେ ରକ୍ତଯୁଦ୍ଧ ମଧରେ କାଜିନଜରୁଲ୍, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ମଧୁସୂଦନ ଦାସ ପ୍ରଭୃତି ଲେଖନୀ ଚଳାଇ ସାହିତ୍ୟ ମାଧମରେ ସୁପ୍ତ ଜାତିକୁ ଜାଗ୍ରତ କରିଥିଲେ । ତାଙ୍କ ସାହିତ୍ୟ ମାଧମରେ ସାମାଜିକ ଜୀବନ ବ୍ୟବସ୍ଥା ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତଚ ହେବା ସହିତ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ସାମାଜିକ ଚେତନାର ଆବାହକ ରୂପେ ସାହିତ୍ୟ ନେଇଛି ଅଗ୍ରଣୀ ଭୂମିକା । ଦୀନବନ୍ଧୁଙ୍କ **'ନୀଳଦର୍ପଣ'**, ଫକୀରମୋହନଙ୍କ **'ଛ'ମାଣ ଆଠଗୁଣ୍ଠ'**, ରମାରଞ୍ଜନ ମହାନ୍ତିଙ୍କ **'ଗୌଡ଼ବିଦେଶ'**, ଗୋଦାବରୀଶଙ୍କ **'ମୁକୁନ୍ଦଦେବ ଓ ପୁରୁଷୋତ୍ତମ ଦେବ'** ନାଟକ ପ୍ରଭୃତି ସମାଜରେ ସାମାଜିକ ବିପ୍ଳବ ସୃଷ୍ଟି କରିପାରିଛି । ନୂତନ ଓ ପୁରାତନ ସଭ୍ୟତାର ଦ୍ୱନ୍ଦ ଓ ସମ୍ପର୍କ ମଧରେ ଶ୍ରେୟ ଓ ପ୍ରେୟ ମଧରେ ଯେଉଁ ବିଶଦ ରୂପେ ବିଦ୍ରୋହ ପ୍ରକଟିତ ହୋଇଛି ତାହା ଫକୀରମୋହନ, ଚିନ୍ତାମଣି ଏବଂ କୁନ୍ତଳାକୁମାରୀଙ୍କ ଉପନ୍ୟାସରେ ଉଦ୍‌ଭାସିତ । ପତିତ, ଅବହେଳିତ ଓ ନିଗୃହୀତ ଆଦିବାସୀଙ୍କର ଆଶା, ବିଶ୍ୱାସ, ସଂସ୍କୃତି ଓ ସଭ୍ୟତା ରୂପାୟିତ ହୋଇଛି ଗୋପୀନାଥ ମହାନ୍ତିଙ୍କ **'ପରଜା'**, **'ଅମୃତର ସନ୍ତାନ'**, **'ଦାଦୀବୁଢ଼ା'** ଏବଂ **'ଶିବଭାଇ'** ପ୍ରମୁଖ ଉପନ୍ୟାସରେ । ସମାଜର କୁରୁତି ଓ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ଫକୀରମୋହନଙ୍କ **'ରେବତୀ'** ଆଦି ଗଳ୍ପ ମଧ ସମାଜକୁ ସାହିତ୍ୟର ଅବଦାନ । ଏହିଭଳି ଭାବରେ ସାମାଜିକ ଜୀବନ ବା ସମାଜର ଚାଲିଚଳଣି, ପରମ୍ପରା, ବେଶଭୂଷା, ସଂସ୍କାର ଆଦିକୁ ସୁଧାରିବା ପାଇଁ ସାହିତ୍ୟରେ ଅନେକ ରଚନା ଦେଖିବାକୁ ମିଳେ । ସାହିତ୍ୟ ସର୍ବଦା ସମାଜକୁ ବା ସାମଜିକ ଜୀବନକୁ ସୁସ୍ଥ, ସୁନ୍ଦର ଓ ସାବଲୀଳ କରିବାର ଖୋରାକ ଯୋଗାଏ । ବୈଦିକ ଯୁଗରୁ ପ୍ରଲମ୍ବିତ ଏହି ସମାଜ ମଙ୍ଗଳ ଆଭିମୁଖ୍ୟ ସାହିତ୍ୟ ସ୍ରୋତ ଦେଇ ଆଧୁନିକ ଯୁଗ ଯାଏ ମଧ ପରିବ୍ୟାପ୍ତ ହୋଇ ଆସିଛି । ତେଣୁ ସାହିତ୍ୟ ସମାଜକୁ ଶୁଣାଇଛି ନୂତନ ମନ୍ତ୍ର କବି ଉଲ୍ଲେଖ କରିଛନ୍ତି -

"କବିତା ଗଢେ ଏକ ନୂତନ ସମାଜର
ସବୁରି ପାଇଁ ଏଥି ବଖୁରିଟିଏ ଘର ।"

ସାହିତ୍ୟ ଓ ସମାଜର ସମ୍ପର୍କ ଚିରନ୍ତନ । ସାହିତ୍ୟ ଏକ କାଳଜୟୀ କଳା । ସାର୍ବଜନୀନ ମନୁଷ୍ୟ ପାଇଁ ବା ସମାଜ ପାଇଁ ସାହିତ୍ୟ ଉଦ୍ଦିଷ୍ଟ । ସମସାମୟିକ ସମାଜର ଘଟଣାବଳୀକୁ ଯଥାର୍ଥ ଭାବରେ ରୂପାୟିତ କରି ସାହିତ୍ୟ ଚିରନ୍ତନ ଜୀବନର ବାର୍ତ୍ତାପ୍ରଚାର କରିଥାଏ । ସମାଜର କଲ୍ୟାଣ ସାଧନ ପାଇଁ ସାହିତ୍ୟ ସର୍ବଦା ଯତ୍ନଶୀଳ । ଏଥି ନିମିତ୍ତ ସାହିତ୍ୟ ଓ ସମାଜ ପରସ୍ପର ଆତ୍ମିକ ସ୍ତରରେ ସୁସମନ୍ୱିତ । ତେଣୁ କୁହାଯାଇଛି - "ସମାଜରୁ ଜନ୍ମ ହୁଏ ସାହିତ୍ୟ, ମନରେ ଥାଏ ତା' ସମାଜ ହିତ, ମଣିଷକୁ ଦିଏ ଜ୍ଞାନର ପଥ, ଆଗକୁ ବଢାଏ ସମାଜ ରଥ ।"

***

# ମୁଁ ଅଢେଇ ଦିନର ମଣିଷ

ନାମ- ମନୋଜ କୁମାର ଦାଶ
(ପ୍ରଧାନ ଆଚାର୍ଯ୍ୟ)

ଭଗବାନ୍ ପରମାତ୍ମାଙ୍କର ସୃଷ୍ଟି ବଡ଼ ବିଚିତ୍ର । ଏହି ବିଚିତ୍ର ସୃଷ୍ଟି ଭିତରେ ସବୁଠାରୁ ବିଚିତ୍ର ଏହି ମଣିଷ ଜନ୍ମ । ଯାହା କୁହାଯାଏ, **"ମଣିଷ ଜନ୍ମ ଦୁର୍ଲଭ ଜନ୍ମ"** । ମଣିଷ ଜନ୍ମଟିଏ ପାଇବା ପାଇଁ ଜୀବକୁ ଚୌରାଅଶି ଲକ୍ଷ ଯୋନି ଭ୍ରମଣ କରିବାକୁ ପଡ଼ିଥାଏ । ତା'ପରେ ପ୍ରତ୍ୟେକ ଜନ୍ମର ପୂଣ୍ୟ ଫଳ ସଂଚିତ ହୋଇ ରହି ରହି ଶେଷରେ ଦୁର୍ଲଭ ମଣିଷ ଜନ୍ମ ପାଇଥାଏ । ଯଦି ମଣିଷ ତା'ଜନ୍ମର ମହତ୍ୱ ନ ବୁଝି, ଜନ୍ମର ଉଦ୍ଦେଶ୍ୟ ଓ କର୍ତ୍ତବ୍ୟକୁ ଯଥାର୍ଥ କାର୍ଯ୍ୟରେ ବା ସତ୍ କାର୍ଯ୍ୟରେ ନ ଲଗାଏ, ତେବେ ତା'ର ମଣିଷ ଜନ୍ମ ବିଫଳ ହୋଇଥାଏ । ଶାସ୍ତ୍ରରେ ଅଛି - **"ହରି ନାମ ବିନେରେ ଗୋବିନ୍ଦ ନାମ ବିନେ, ବିଫଳେ ମନୁଷ୍ୟ ଜନ୍ମ ଯାଏ ଦିନେ ଦିନେ"** ଶ୍ରୀମଦ୍ ଭାଗବତରେ ଅଛି - **"ମନୁଷ୍ୟ ଜନ୍ମର ଏ ଲାଭ ଯେବେ ଗୋବିନ୍ଦେ କରେ ଭାବ ।"** ମଣିଷ ଜନ୍ମ ସାର୍ଥକ ହୁଏ - ସେତେବେଳେ, ଯେତେବେଳେ କି ମଣିଷ ସତ୍ ମାର୍ଗରେ ରହି ସଚ୍ଚିଦାନନ୍ଦ ବା ସତ୍, ଚିତ୍ ଓ ଆନନ୍ଦ ଘନ ବ୍ରହ୍ମଙ୍କ ସହିତ ଭାବ ଲଗାଏ । ଅର୍ଥାତ୍ ନବଧା ଭକ୍ତି ଓ ନିଷ୍କାମ ପ୍ରେମ ଭକ୍ତି ଡ଼ୋରିରେ ଭଗବାନ୍‌ଙ୍କୁ ବାନ୍ଧି ରଖେ । ନବଧା ଭକ୍ତି ହେଉଛି -

**" ଶ୍ରବଣଂ କୀର୍ତ୍ତନଂ ବିଷ୍ଣୁ ସ୍ମରଣଂ ପାଦ ସେବନମ୍,**
**ଅର୍ଚ୍ଚନଂ ବନ୍ଦନମ୍ ଦାସସ୍ୟ ସଖ୍ୟମାତ୍ମନିବେଦନମ୍ ।"**

ଭଗବାନଙ୍କର ନାମ ଓ ଗୁଣ ଶ୍ରବଣ କରିବା, କୀର୍ତ୍ତନ କରିବା, ସ୍ମରଣ କରିବା, ପାଦ ସେବନ କରିବା, ପୂଜା ଅର୍ଚ୍ଚନା କରିବା, ବନ୍ଦନା କରିବା, ନିଜକୁ ଭଗବାନ୍ ପରମାତ୍ମାଙ୍କର ଦାସ ଭାବିବା, ଭଗବାନ୍‌ଙ୍କୁ ସଖା ବୋଲି ଭାବିବା ଓ ସର୍ବୋପରି ତାଙ୍କ ନିକଟରେ ଆତ୍ମସମର୍ପଣ କରିବା । ଏହି ନବାଧ ଭକ୍ତିଠାରୁ ଆହୁରି ଦୃଢ଼ ଭକ୍ତି ହେଉଛି ନିଷ୍କାମ ପ୍ରେମ ଭକ୍ତି ବା 'ରାଧାଭାବ' । ଏହି ଭକ୍ତି ଜୀବକୁ ଏତେ ସହଜରେ ମିଳେ ନାହିଁ । ଏଥି ନିମନ୍ତେ ବାରମ୍ବାର ମାତୃଗର୍ଭରେ ଆଶ୍ରୟ ନେବାକୁ ପଡ଼ିଥାଏ । ଶାସ୍ତ୍ରରେ ଅଛି -

**"ପୁନରପି ଜନମଂ ପୁନରପି ମରଣଂ,**
**ପୁନରପି ଜନନୀ ଜଠରେ ଶୟନଂ ।**
**ଇହ ସଂସାର ସ୍ଫୁଟତର ଦୋଷା,**
**କତମିହ ମାନବ ତବ ସନ୍ତୋଷା ।"**

ମଣିଷ ଶିଶୁ ଯେତେବେଳେ ମାତୃ ଗର୍ଭରେ ଥାଏ, ସେତେବେଳେ ସେ ଭଗବାନ ପରମାତ୍ମାଙ୍କୁ ଦର୍ଶନ କରୁଥାଏ । ଅନ୍ଧକାର ଗର୍ଭଗୃହରୁ ବାହାରିବା ନିମନ୍ତେ ଭଗବାନଙ୍କୁ ପ୍ରାର୍ଥନା କରେ । **"ହେ ପ୍ରଭୁ ମୋତେ ଏହି ଅନ୍ଧକାର ଗର୍ଭ ଗୃହରୁ ବାହାର କର । ମୁଁ ମର୍ତ୍ତ୍ୟ ଭୂମିକୁ ଗଲେ, ତୁମର ଭଜନ, କୀର୍ତ୍ତନ ଆଉ ଗୁଣ ଗାନ କରି, ସଂସାରରେ ତୁମର ନାମ ପ୍ରଚାର କରିବି ।"** ସମସ୍ତ ଜୀବ ଏହି ଦୃଢ଼ ପ୍ରତିଶୃତି ଦେଇ ମାତୃଗର୍ଭରୁ ଆସିଥା'ନ୍ତି । ଯେତେବେଳେ ଭୂମିଷ୍ଠ ହୁଅନ୍ତି, ସେତେବେଳେ **"କୁଆଁ"** ରାବ ଦେଇଥାନ୍ତି । ଅର୍ଥାତ୍ ମୁଁ କେଉଁଠି ? ତା'ପରେ ତ୍ରିଗୁଣମୟୀ ମାୟା ସତ୍ୱ, ରଜ ଓ ତମ ଗୁଣ ରଜ୍ଜୁରେ ଛନ୍ଦି ହୋଇ ପଡ଼ନ୍ତି । ଭୁଲି ଯାଆନ୍ତି- ମାତୃତୃଗର୍ଭରେ ଦେଇଥିବା ସେଇ ଦୃଢ଼ ପ୍ରତିଶୃତିକୁ । ତା'ପରେ ଆରମ୍ଭ ହୁଏ ମର୍ତ୍ତ୍ୟର ଜୀବନ । ଶୈଶବ, କୈଶୋର, ଯୌବନ ଓ ପ୍ରୌଢତ୍ୱର କର୍ମମୟ ଜୀବନ ସମୟରେ ସଂସାର ଜଞ୍ଜାଳରେ ଆବଦ୍ଧ ହୋଇ ନାନା କର୍ମ କରିଚାଲନ୍ତି । କର୍ମ ଶେଷରେ ପୁନର୍ବାର ଚାଲିଯାଆନ୍ତି । ଜୀବନ ଆଉ ମୃତ୍ୟୁର ଏହି ଚକା ଭଉଁରୀ ଭିତରେ ସଦ୍‌ଗତି ଓ ଅଧୋଗତିକୁ ସମସ୍ତେ ଦେଖନ୍ତି, କିଛି ଅନୁଭବ କରନ୍ତି । ପାପା ଓ ପୁଣ୍ୟର ମାପକାଠିରେ ଜୀବନକୁ ମାପନ୍ତି । କିନ୍ତୁ **"ପୁନର୍ମୂଷିକ ଭବତୁ"** ଭଳି ପୁଣି ମୋହ ମାୟା ଭିତରେ ଛନ୍ଦି ହୋଇ ଯାଆନ୍ତି ଯେ, ସେମାନେ ପରମାତ୍ମାଙ୍କର ଅଂଶ ଏହା ସମ୍ପୁର୍ଣ୍ଣ ଭାବେ ଭୁଲି ଯାଆନ୍ତି । **"ଦୁର୍ଲଭ ନର କଳେବର, କେବଳ ମୁକତିର ଦ୍ୱାର ।"** ଶ୍ରୀମଦ୍ ଭାଗବତ୍‌ର ଏହି ମହାନ ବାଣୀକୁ ବୁଝି ମଧ୍ୟ ଅବୁଝା ହୁଅନ୍ତି । ମନ ଭିତରେ ଥିବା ଖଳ ପ୍ରବୃତି ସତ୍ୟ, ଧର୍ମ ଓ ନ୍ୟାୟ ଠାରୁ ନେଇ ଯାଆନ୍ତି ଦୂରକୁ ବହୁ ଦୂରକୁ । ହିଂସା, ଇର୍ଷା ଓ ପରଶ୍ରୀକାତରତା ଭଳି ବଦ୍‌ଗୁଣ ମନକୁ ଏଭଳି ଆଚ୍ଛନ୍ନ କରି ଦିଅନ୍ତି ଯେ ସେଥିରୁ ଆଉ ମୁକୁଳିବାର ବାଟ ନ ଥାଏ । ସମସ୍ତଙ୍କର ଅଭିଶାପକୁ ମୁଣ୍ଡରେ ବହନ କରି ଅବାଟରେ ଚାଲନ୍ତି । ଷଡ଼ ରିପୁ ଯଥା - କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟରେ ଉବୁଡୁବୁ ହୋଇ ପାପ କର୍ମରେ ଲିପ୍ତ ରହନ୍ତି । ଏହି ପାପାତ୍ମା ଆଉ ମଣିଷ ଜନ୍ମ ପାଆନ୍ତି ନାହିଁ । ପଶୁ ଯୋନି ପ୍ରାପ୍ତ ହୋଇ ଥାଆନ୍ତି । କିନ୍ତୁ ମନର ହୋସ୍ ଥିବା ମଣିଷ ତା'ର ସୁକୃତି ବଳରେ ସେ ସଚେତନ ହୁଅନ୍ତି । ମାୟା କବଳରୁ ଓ ଷଡ଼ରିପୁ କବଳରୁ ଉଦ୍ଧାର ନିମନ୍ତେ ଓ ଆଦି ଦୈବିକ, ଆଦି ଭୌତିକ ଓ ଆଧାତ୍ମିକ ଏଇ ତ୍ରିତାପ ଜ୍ୱାଳା ଭିତରେ ସେ ଶୀତଳତା ରୂପି ପରମାତ୍ମାଙ୍କର ଶରଣାପନ୍ନ ହୋଇଯାଆନ୍ତି । ମନର ହୋସ୍ ମଧ ଜାଗ୍ରତ ହୁଏ । ମନର ହୋସ୍ ହେଉଛି - " ମୁଁ କିଏ ? କେଉଁଠୁ ଆସିଛି ? ମୃତ୍ୟୁପରେ ମୁଁ କେଉଁଠିକି ଯିବି ?" ଫଳରେ ମନରେ ସ୍ମରଣ ଆସେ ମୋର ଏହି ଦୁନିଆରେ କ'ଣ କରିବା ବିଧେୟ । ପାପ, ପୂଣ୍ୟ ଭଲ ମନ୍ଦ, ନୀତି ଅନୀତି ସବୁ ସ୍ପଷ୍ଟ ହୋଇଯାଏ । ସତ୍ କର୍ମ, ସତ୍ ଚିନ୍ତା ତାଙ୍କୁ ସତ୍ ମାର୍ଗରେ ନେଇ ଯାଆନ୍ତି । ସେହି ମାୟା ମୁକ୍ତ ଜୀବ ହିଁ ଆଲୋକ ବର୍ତିକା ସଦୃଶ ମାୟା ବଦ୍ଧ ଜୀବମାନଙ୍କର ଉଦ୍ଧାର ନିମନ୍ତେ ଗୁରୁ ସାଜି ମୁକ୍ତିର ବାଟ ଦେଖାଇ ଥାନ୍ତି । ଭଗବାନ୍ ପରମାତ୍ମା ସେହି ଗୁରୁ ହୃଦୟରେ ବାସ କରନ୍ତି । ଶ୍ରୀମଦ୍ ଭାଗବତରେ ଅଛି -

**"ଏ ନାବେ ଗୁରୁ କର୍ଣ୍ଣଧାର, ମୁହିଁ ଅନୁକୂଳ ସମୀର ।**
**ମୁହିଁ ମିସଇ ଗୁରୁ ଦେହେ, ମୋ ତହୁଁ ଗୁରୁ ଭିନ୍ନ ନୁହେଁ ।"**

ତେଣୁ - "ହେ ମାୟା ବଦ୍ଧ ମଣିଷମାନେ ସଚେତନ ହୁଅ । ଗୁରୁରୂପୀ ଭଗବାନ୍ ପରମାତ୍ମାଙ୍କର ଶରଣାପନ୍ନ ହୁଅ । ସତ୍ କର୍ମ କର । ନିଃସ୍ୱାର୍ଥ ଭାବରେ ଭାବରେ ଅନ୍ୟକୁ ସାହାଯ୍ୟ କର । ସର୍ବଦା ସ୍ମରଣ ରଖ - **"ମୁଁ ଅଢେଇ ଦିନର ମଣିଷ"** । ଭଗବାନ୍ ମୋତେ ଯେଉଁ ମହତ ଉଦ୍ଦେଶ୍ୟକୁ ସାକାର କରିବା ନିମନ୍ତେ ଆପ୍ରାଣ ଚେଷ୍ଟା କରିବି । ଭଗବାନ୍‌ଙ୍କର ଗୁଣ କୀର୍ତ୍ତନ କରିବି । ସମଦର୍ଶୀ ହେବି । ପ୍ରିୟା, ପ୍ରୀତି, ତୋଷଣଠାରୁ ଦୂରେଇ ରହି ଉଚିତ୍ କର୍ତ୍ତବ୍ୟ କରିବି । ନାମ ସଂକୀର୍ତ୍ତନ ମାଧମରେ କଳିକଳୁଷ ହରଣ କରିବା ପାଇଁ ଗୁଣ୍ଡୁଚିମୂଷା ସଦୃଶ ଧୂଳି ଝାଡ଼ିବା ନିମନ୍ତେ ପଶ୍ଚାତ୍ ପଦ ହେବି ନାହିଁ ବୋଲି ପ୍ରତିଜ୍ଞା ବଦ୍ଧ ହୁଅ । ତେବେ ତୁମର ମଣିଷ ଜନ୍ମ ସାର୍ଥକ ହୋଇଯିବ ।

**ଜୟ ଜଗନ୍ନାଥ**

***

# ଭାରତର ସାଧୀନତାର ବୀର ପୁରୁଷଙ୍କର କଥା

ନାମ- ସତ୍ୟବ୍ରତ ପ୍ରଧାନ
ଶ୍ରେଣୀ - ୯ମ

ସୁନ୍ଦରମୟ ସ୍ୱର୍ଣ୍ଣିମ ଭାରତ ଆମର । କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୃତ ଏହି ଅଖଣ୍ଡ ଦେଶ ୧୪୦ କୋଟି ଲୋକଙ୍କର ଭାର ବହନ କରିଥିବା ଆମର ଏହ ମାତୃଭୂମି ଭାରତର ଇତିହାସ ମଧ ଲୋକସଂଖ୍ୟା ପରି ବହୁ ବିଶାଳ । ୧୪୦ କୋଟିର ବିଶାଳ ଜନସଂଖ୍ୟା ଧାରୀ ଦେଶ ହେଲେ ମଧ ପ୍ରତି ଏକ ନାଗରୀକ ପାଖରେ ଅଛି ନିଜର ସ୍ୱାଧୀନତା । ସଭିଏଁ ନିଜ ଇଚ୍ଛା ଅନୁସାରେ ବ୍ୟତୀତ କରୁଛନ୍ତି ନିଜ ଜୀବନ । ମାତ୍ର ଆଜିର ଭାରତୀୟକୁ ଏହି ସୁଖର ସୁଖର ଦିନ ଦେଖାଇବାକୁ କେତେ ଯେ ବୀର ନିଜ ଜୀବନର ସ୍ୱାଧୀନତାକୁ ପରାଧୀନ ଭାରତ ପାଇଁ ଅର୍ପଣ କରିଛନ୍ତି ତାହାର ସାକ୍ଷୀ ହେଉଛି କେବଳ କେବଳ ଆମ ଭାରତର ସ୍ୱର୍ଣ୍ଣିମ ଇତିହାସ । ଆଜିର ଭାରତବାସୀ ମୁଣ୍ଡ ଉଠାଇ ବଂଚିବା ପାଇଁ କେତେ ବୀର ନିଜର ମସ୍ତକ ନିଛାବର କରିଛନ୍ତି ତାହାର ମଧ ପ୍ରତ୍ୟକ୍ଷଦର୍ଶୀ ଏହି ଭାରତଭୂମି । ୭୫ବର୍ଷର ସ୍ୱାଧୀନ ଭାରତର ସ୍ଥିତି ୭୫ବର୍ଷ ପୂର୍ବେ ଥିଲା ପୂରା ଅଲଗା । ନିଜର ଦେଶରେ ରହି ମଧ ଲୋକଙ୍କୁ ଅନ୍ୟ ଅନ୍ୟ ଦେଶର ଉନ୍ନତି ନିମନ୍ତେ କାର୍ଯ୍ୟ କରିବାକୁ ବିବଶ କରାଯାଉଥିଲା । ନିଜ ଦେଶର ମାଟିରେ ଚାଲିବା ପାଇଁ ମଧ ଅନ୍ୟ ଦେଶର ଲୋକଙ୍କର ଥିଲା ଅନୁମତି ଲୋଡ଼ା । ନିଜ ମୁଣ୍ଡର ଝାଳ ତୁଣ୍ଡରେ ମାରି କାର୍ଯ୍ୟ କରୁଥିଲେ ସୁଧା ତାହା ଅନ୍ୟ ଦେଶର ଉନ୍ନତି ପାଇଁ କରାଯାଉଥିଲା । ଏପରି କି ନିଜ ଦେଶର ଲୁଣ ପାଇଁ ମଧ ଭାରତକୁ ଲଢିବାକୁ ପଡ଼ିଥିଲା । ଏହାଥିଲା ଭାରତର ଦୁଃଖଦ ଇତିହାସ । କିନ୍ତୁ କୁହାଯାଏ ନା ସିଂହୀର ଔରସରୁ ହିଁ ସିଂହ ଜନ୍ମ ନିଅନ୍ତି । ଇଂରେଜଙ୍କ ଦ୍ୱାରା ପରାଧୀନ ଭାରତର ଇତିହାସ ପରାଧୀନତା ପୂର୍ବରୁ ଥିଲା ଅଲଗା । ସେତେବେଳେ ଭାରତ ଥିଲା ସିଂହୀ ଏବଂ ସାଧୀନତା ସମୟରେ ସେହି ସିଂହୀର ଔରସରୁ ଜନ୍ମ ନେଇଥିଲେ ସିଂହ ତଥା ତଥା ଆମର ବୀର ସ୍ୱର୍ଣ୍ଣପୁତ୍ରମାନେ............ ଆଜ୍ଞା ହଁ ଆମର ସେହି ବୀର ମହାପୁରୁଷ ମାନେ ଥିଲେ ସ୍ୱର୍ଣ୍ଣପୁତ୍ର କାରଣ ସେମାନେ ଥିଲେ ସ୍ୱର୍ଣ୍ଣ ପରି ଅମୂଲ୍ୟ ଏବଂ ତେଜୀୟାନ । ସେହି ମହାପୁରୁଷ ମାନେ ଥିଲେ ଭାରତମାତାର ବୀରପୁତ୍ର ତେଣୁ ସେମାନଙ୍କୁ ନିଜ ମାଁର ପରାଧୀନତା ସ୍ୱୀକାର ନ ଥିଲା । ନିଜ କାର୍ଯ୍ୟ ଓ ବାକ୍ ଶକ୍ତି ବଳରେ ସମସ୍ତ ଦେଶକୁ ଏକ କରି ଇଂରେଜ ବିରୋଧରେ ଛିଡ଼ା କରିବାର ସାମର୍ଥ୍ୟ ରଖିଥିଲେ ସେମାନେ । ଅସ୍ତ୍ରଧାରୀ ଇଂରେଜଙ୍କ ସହ ଲଢ଼ି ଆଜି ସେମାନେ ଆମକୁ ଏହି ଦେଶରେ ମୁଣ୍ଡଟେକି ଚାଲିବାକୁ ଅଧିକାର ଦେଇଛନ୍ତି । କିନ୍ତୁ ଏହି ଲଢେଇ କେବେ ମଧ ସହଜ ନ ଥିଲା । ସୁଭାସ ଚନ୍ଦ୍ର ବୋଷ, ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଏବଂ ଅଗଣିତ ଭାରତର ବୀରପୁତ୍ର ନିଜ ଜୀବନ ଉତ୍ସର୍ଗ କରିଛନ୍ତି । ଏହି ସ୍ୱାଧୀନତା ପାଇଁ କେତେ ବୀରପୁରୁଷ ନିଜ ଅସ୍ତ୍ର ଏବଂ ବାକ୍ ଶକ୍ତି ତ ଆଉ କେତେ ବୀର ନିଜ କଲମ ବଳରେ ମାତୃଭୂମିର ସ୍ୱାଧୀନତା ପାଇଁ ନିଜ ଜୀବନକୁ ମାଟି କରି ଆମକୁ ଏହି ମାଟିରେ ମୁଣ୍ଡଟେକି ଚାଲିବାର ସ୍ୱାଧୀନତା ଦେଇଛନ୍ତି ତାହା ତ କେବଳ ଇତିହାସ ଜାଣେ ।

ପ୍ରତ୍ୟେକ ବୀରପୁତ୍ରଙ୍କ ପାଇଁ ସ୍ୱାଧୀନତା ଥିଲା ଅମୂଲ୍ୟ ସମ୍ପଦ ସେମାନେ ଅମୂଲ୍ୟ ସମ୍ପଦକୁ ଅର୍ଜନ କଲେ ଏବଂ ବର୍ତ୍ତମାନ ଆମର କାମ ହେଉଛି ସେହି ସମ୍ପଦକୁ ସମ୍ଭାଳି ରଖିବା ଏବଂ ଭାରତକୁ ପୃଥିବୀରେ ପୁଣିଥରେ ସ୍ୱର୍ଣ୍ଣିମ ଭାରତ ରୂପେ ଛିଡ଼ା କରିବା ଏବଂ ଏହା ସମ୍ଭବ ବର୍ତ୍ତମାନ ଭାରତୀୟଙ୍କ ମନୋବଳ ଆଧାରରେ । କ'ଣ ଯେଉଁମାନେ ନିଜ ଜୀବନକୁ ତ୍ୟାଗ କରି ଆମ ଜୀବନର ସୁଖ ଦେଇଛନ୍ତି ତାଙ୍କ ପାଇଁ ଆମେ ମନୋବଳ ଦୃଢ଼ କରି ଭାରତକୁ ସ୍ୱର୍ଣ୍ଣର ଭାରତ ପରିଣତ କରି ପାରିବା ନାହିଁ ?

। । ଭାରତ ମାତା କି ଜୟ । ।

***

# ପ୍ରଣବ ଓଁ କାର

ନାମ- ତପନ କୁମାର ଦାସ
(ସେବକ)

ଓଁ ସୃଷ୍ଟିର ଆଦ୍ୟ ଧ୍ୱନି । ପ୍ରଣବ ନାଦ ବ୍ରହ୍ମ ଭାବରେ ଜ୍ଞାନୀ ଜନଙ୍କ ନିକଟରେ ଏହି ଶବ୍ଦ ଜଣାଶୁଣା । ସନାତନ ଧର୍ମରେ ଏହି ଧ୍ୱନୀର ଏକ ବିଶେଷ ଗୁରୁତ୍ୱ ରହିଛି । ଏହି ଧ୍ୱନି ଉଚ୍ଚାରଣର ଅସ୍ଥିର ଚିତରେ ସ୍ଥିରତା ଆସେ ଓ ମନରେ ଏକାଗ୍ରତା ଜାଗ୍ରତ ହୁଏ । ପୁରାତନ ଭାରତୀୟ ମୁନି ଋଷିମାନେ ଏହି ନାଦ ବ୍ରହ୍ମଙ୍କ ଆରାଧନା କରି ଜ୍ଞାନାର୍ଜନ କରୁଥିଲେ । ଆଧୁନିକ ଯୁଗର ବୈଜ୍ଞାନିକମାନେ ମଧ ଏହି ଶବ୍ଦର ଚମ୍ତକାରୀ ଗୁଣ ଥିବା ସ୍ୱୀକାର କରନ୍ତି ।



***

## ବାପା, ମାଆ

ନାମ- ସୌମ୍ୟାଶ୍ରୀ ସାହୁ
ଶ୍ରେଣୀ - ଷଷ୍ଠ(ବାଲ୍ମିକୀ)

ବାପା ମାଆ ମୋର ଆରାଧ ଠାକୁର,
ତାକୁ ମୁଁ ଭୁଲିବି ନାହିଁ ।
ସାରା ଦୁନିଆରେ ତାଙ୍କ ସମ ଆଉ,
କେହି ନାହାନ୍ତି ମୋ ପାଇଁ ।
ବାପା ମାଆଙ୍କର ମନରେ କେବେ ବି
ଦିଏ ଯଦି କିଏ କଷ୍ଟ
ଯେତେ ବଡ଼ ଲୋକ ହୋଇଥିଲେ ସୁଦ୍ଧା
ପୁଣ୍ୟ ହୁଏ ତା'ର ନଷ୍ଟ
ବାପା ମାଆଙ୍କର ଶୁଭ ଆଶୀର୍ବାଦ
ଯା' ଉପରେ ଥିବ ନିତି
ହଟି ଯିବ ସବୁ ଦୁଃଖ ଦୁର୍ବିପାକ
ସକଳ ବାଧା ବିପତି
ବାପା ମାଆଙ୍କର ସେବା କରି ଆମେ
ମଣିବା ନିଜକୁ ଧନ୍ୟ
ତାଙ୍କରି ମନରେ ହସଖୁସି ଭରି
ଅରଜିବା କୋଟି ପୁଣ୍ୟ ।



***

## ଜନ୍ମମାଟି

ନାମ-ସ୍ମୃତି ସମର୍ପିତା ବାରିକ
ଶ୍ରେଣୀ - ଦଶମ(ଭରଦ୍ୱାଜ)

ମାଆର କ୍ଷୀର, ଏକ୍ଟୁଡ଼ିଶାଳ
ଏ ମାଟି ଯା'ର ସରଗପୁର
ମାଟିର ସ୍ନେହ ପଣତତଳେ
ବଢ଼ିଛି ଯିଏ ଏ ମାଟି କୋଳେ
ମାଟିର ମାୟା ଜାଣିଛି ଯିଏ
ତାଠାରୁ ଭାଗ୍ୟବାନ ବା କିଏ ? ।।୧ ।।
ଧୋତି, କୁରୁତା ପୋଷାକ ଯା'ର
ଶାଗ, ପଖାଳ, ବଡ଼ି, ଆଚାର
ବାର ମାସରେ ତେର ଯାତରା
ଦୟା-କ୍ଷମାରେ ଭାରି ନିଆରା
ମୁଣ୍ଡ ଝାଳକୁ ତୁଣ୍ଡରେ ମାରି
ସୁନା ଫଳାଏ ଏ ମାଟି ଚିରି । ।।୨ ।।
ଏ ମାଟି ପୁଅ ବେପାର କଲା
ସାତ ଦରିଆ ଜିଣି ଆସିଲା
ଏ ମାଟି ପୁଅ ନିହାଣ ଧରି ।
ପ୍ରାଣ ଭରିଲା ପଥର ଚିରି
ଇତିହାସର ବଡ଼ ସ୍ମାରକୀ
କୋଣାରକ ତ ଏବେ ବି ସାକ୍ଷୀ । ।।୩ ।।
ତାରକସି ବା ଜୋତା ସିଲାଇ
ମାଟି ପୁଅକୁ ବଳାଇ ନାହିଁ
ଅଠର ଶହ ସତର କଥା
ପାଇକ ପୁଅ ବୀରତ୍ୱ ଗାଥା
ଧରମା ଅବା ବାଜିରାଉତ
ଏ ମାଟି ପୁଅ ମରି ଜୀବନ୍ତ । ।।୪ ।।
ଖଣି ଖାଦନ ଅଭାବ ନାହିଁ
ସବୁ ଥାଇ ବି କିଛି ତ ନାହିଁ
ଓଡ଼ିଆ ପୁଅ ମନେ ହତାଶ
ପାଠ ପଢ଼ିଣ କରିବ କିସ ?
ଅନ୍ୟ ରାଇଜେ ଯାଏ ପଳାଇ
ଜୀବନ ଆଉ ଜୀବିକା ପାଇଁ । ।।୫ ।।
ସୁନା ତ ଅଛି କାନ ବି ଅଛି
ସୁନାରି ପୁଅ ଏବେ ବଂଚିଛି
ତେବେ କାହିଁକି ଏମିତି ହେଲା ?
ମାଟିକୁ କିଆଁ ରାହୁ ଗ୍ରାସିଲା
ମାଟି ଆଖିରେ ଝରୁଛି ଲୁହ
ପୋଛିବା ଆସ ଏ ମାଟି ପୁଅ । ।।୬ ।।

***

## ମୋ ବାପା

ନାମ- କାନନବାଳା ରାୟ
(ଆଚାର୍ଯ୍ୟା)

'ବାପା' ବୋଲି ଯେଉଁ ଦୁଇଟି ଅକ୍ଷର
ପରିଚିତ ଅଟେ ସଭିଙ୍କର
ସବୁଠୁ ନିଆରା ସବୁଠାରୁ ଭଲ
ସବୁଠାରୁ ପ୍ରିୟ ବାପା ମୋର..... ବାପା ମୋର
ଚାଲିବା ଶିଖିଲି ଯେଉଁ ଦିନ ଠାରୁ
ଅଗଣାରେ ବାପା ହାତ ଧରି
କହିବା ଶିଖିଲି ତାଙ୍କ ମୁହଁ ଚାହିଁ
ବତାଇ ଥିଲେ ସେ କହି କରି ..........
ସଦାବେଳେ ମୋତେ ରଖୁଥିଲେ ପାଖେ
ଦିନେ ଅନ୍ତର ନ ଥିଲେ କରି
ଭଲ ମନ୍ଦ ଆଉ ସୁଖେ ଦୁଃଖେ ମୋତେ
ସାହାସ ଦିଅନ୍ତି ସାଙ୍ଗ ପରି........
ମୋ ମଥା ଆଉଁସି କହିଥାନ୍ତି ସଦା
ଝିଅ ହେଲେ ମଧ ପୁଅ ମୋର
ପୁଅ, ଝିଅ ମଧ୍ୟେ ନାହିଁ ଭେଦା ଭେଦ
ପୁଅ ଭଳି ହେବୁ ଆଗୁସାର ..........
ମୁଁ ହସିଲେ ସିଏ ଦେଉଥାନ୍ତି ହସି
ମୁଁ କାନ୍ଦିଲେ ତାଙ୍କ ମନ ଦୁଃଖୀ
ମୋର ଖୁସି ପାଇଁ ସଦା ତତପର
ଦେଉଥାନ୍ତି ମୋତେ ସବୁ ସୁଖ .........
ନାହାନ୍ତି ମୋ ପାଖେ ଆଜି ମୋର ବାପା
ମହା ପ୍ରୟାଣରେ ଗଲେ ଚାଲି
ତାଙ୍କ ଆଶୀର୍ବାଦ ଅଛି ମୋର ପାଖେ
ଭାବିବିନି ମୁଁ ଏକା ବୋଲି.....
ଭାବିବିନି ମୁଁ ଏକା ବୋଲି......

***

## ଦିବ୍ୟ ଭବ୍ୟ ରାମ ମନ୍ଦିର

ନାମ- ଅନିଶା ମହାନ୍ତି
ଶ୍ରେଣୀ - ଷଷ୍ଠ (ବିଶ୍ୱାମିତ୍ର)

ସ୍ୱର୍ଣ୍ଣପ୍ରସୁ ଆମ ଭାରତ ଉପରେ,
ବିଦେଶୀଙ୍କ ଆଖି ପଡ଼ିଲା
ଲୁଟିଲେ ଭାଙ୍ଗିଲେ ଆତଙ୍କ ରଚିଲେ,
ମାଳ ମାଳ ମୁଣ୍ଡ ଗଡ଼ିଲା । ।।୧।।

ମୋଗଲ ଆକ୍ରାନ୍ତା ବାବରର ଗାଥା,
ସମସ୍ତଙ୍କ ଠାରୁ ବଳିଲା ।
ଏ ମାଟିର ସବୁ ଗର୍ବ ଗୌରବକୁ,
ଦଳବଳ ଘେନି ଧ୍ୱଂସିଲା । ।।୨।।

ଶ୍ରୀରାମଙ୍କ ଜନ୍ମ ପବିତ୍ର ମାଟିରେ,
ଧରମକୁ କାଳ ଗ୍ରାସିଲା
ନର ପିଶାଚଙ୍କ ବର୍ବାର କାଣ୍ଡରେ,
ମନ୍ଦିର ମାଟିରେ ମିଶିଲା । ।।୩।।

ଗଢାଇଲା ସେଠି ବାବ୍ରି ମସଜିଦ୍,
ସଭିଙ୍କ ହୃଦୟ କାନ୍ଦିଲା ।
କାଳ ବହିଗଲା ନରପିଶାଚଙ୍କ
ଶାଶନ ଏ ଦେଶୁ ହଟିଲା । ।।୪।।

ରାମ ଜନ୍ମଭୂମି ମୁକ୍ତ କରିବାକୁ,
କେତେ ବଳିଦାନ ହୋଇଲା ।
କେତେ ତ୍ୟାଗ କେତେ ଆତ୍ମ ବଳିଦାନ
ଶେଷରେ ସଫଳ ହୋଇଲା । ।।୫।।

ଶ୍ରୀରାମଙ୍କ ସେହି ଜନମ ସ୍ଥାନରେ,
ମନ୍ଦିରଟି ଶୋଭା ପାଇଲା
କୋଟି କୋଟି ଆମ ଭାରତବାସୀଙ୍କ,
ପ୍ରତୀକ୍ଷାର ଅନ୍ତ ଘଟିଲା । ।।୬।।

ରାଷ୍ଟ୍ର ପୁରୁଷଙ୍କ ଭବ୍ୟ ମନ୍ଦିର,
ପ୍ରତିଷ୍ଠାର ପର୍ବ ଆସିଲା ।
ଦିବ୍ୟ ଭବ୍ୟ ଏ ଶ୍ରୀ ରାମ ମନ୍ଦିର
ତା'ର ଜୟଗୀତି ଶୁଭିଲା । ।।୭।।

***

# ଗୀତା ଓ ରାମାୟଣ

ନାମ- ମାନସ ରଂଜନ ପ୍ରଧାନ
ଶ୍ରେଣୀ - ଦଶମ

ସନ୍ଧ୍ୟା ସମୟ । ଦକ୍ଷିଣ ଭାରତର ତାମିଲନାଡୁ ରାଜ୍ୟର ଏକ ଉପକୂଳ ବର୍ତୀ ଅଂଚଳ । ଏକାନ୍ତରେ ବସି ଜଣେ ବୃଦ୍ଧ ବ୍ୟକ୍ତି ସୂର୍ଯ୍ୟାସ୍ତକୁ ଉପଭୋଗ କରୁଥାନ୍ତି । ହଠାତ୍ କେହି ଜଣେ ପଛରୁ ଡ଼ାକି ଉଠିଲା, "ସାର୍ ଆପଣ ବସିଥିବା ବେଂଚ୍‌ଟି ଭାଙ୍ଗି ଯାଇଛି, କେତେବେଳେ ବି ଆପଣ ପଡିଯାଇପାରନ୍ତି, ଦୟା କରି ସେଠୁ ଉଠି ଯାଆନ୍ତୁ ।" ଚେତାବନୀ ଶୁଣି ବୃଦ୍ଧ ବୃକ୍ତି ଜଣକ ଦେଖିଲେ ଯେ ସେଠାରେ ପଡ଼ିଥିବା ସେ ବେଂଚଟି ସତରେ ଭାଙ୍ଗି ଯାଇଛି । ଭଦ୍ରବ୍ୟକ୍ତି ଜଣକ ସେହି ଯୁବକଙ୍କ ନିକଟକୁ ଗଲେ ଯିଏ ତାଙ୍କୁ ସେଠାରୁ ଉଠିବାକୁ କହିଥିଲେ, ସାଧୁବାଦ ଜଣାଇବା ସହିତ ତାଙ୍କୁ କହିଲେ - "ଈଶ୍ୱର ଆପଣଙ୍କର ମଙ୍ଗଳ କରନ୍ତୁ" ଏହା ଶୁଣି ଯୁବକ ଜଣକ ହସି ଉଠିଲେ ଓ କହିଲେ - "ସାର୍ ଆପଣ ବୋଧେ ଜାଣି ନାହାନ୍ତି ଏସବୁ ଏକ ପ୍ରକାରର ଅନ୍ଧ ବିଶ୍ୱାସ । ଆଜିର ଏ ଯୁଗରେ ଯେଉଁଠାରେ ମନୁଷ୍ୟ ଚନ୍ଦ୍ରପୃଷ୍ଠ, ମଙ୍ଗଳପୃଷ୍ଠକୁ ଯାତ୍ରା କରିବାରେ ସଫଳ ହୋଇଛି ସେଠାରେ ଆପଣ ଆଜି ମଧ ଈଶ୍ୱରଙ୍କ ଠାରେ ବିଶ୍ୱାସ କରନ୍ତି !"

ଭଦ୍ରବ୍ୟକ୍ତି ଜଣକ ଶୁଣି ସ୍ମିତ ହାସ୍ୟ ପ୍ରକଟ କଲେ ଓ ସେ ଯୁବକଙ୍କୁ ନିଜ ଘରକୁ ସେଦିନ ରାତ୍ରିଭୋଜନରେ ଆସିବାକୁ ନିମନ୍ତ୍ରଣ କଲେ । ସେ ଏହା ମଧ କହିଲେ ଯେ ଆଜିର ରାତ୍ରି ଭୋଜନ ପରେ ସେ ତାଙ୍କ ମନରେ ଥିବା ଏହି ଭ୍ରାନ୍ତ ଧାରଣା ଦୂର କରିବେ ।

ଯେପରି ସେହି ଭଦ୍ରବ୍ୟକ୍ତି ଆଶା କରିଥିଲେ ତାଙ୍କ ନିମନ୍ତ୍ରଣ ରକ୍ଷା କରି ରାତିରେ ସେହି ଯୁବକ ଜଣକ ଆସିଲେ । ଉଭୟ ମିଶି ଏକା ସଙ୍ଗରେ ରାତ୍ରିଭୋଜନ କଲେ ଓ ଖାଇବା ପରେ ସେ ଦୁହେଁ ଘରର ଡ୍ରଇଂରୁମ୍‌ରେ ବସିଲେ ।

"ସାର୍ ଆପଣ ମୋତେ କିଛି ଗୋଟିଏ କହିଥିଲେ, ଯାହା ଶୁଣି ମୁଁ ଏଠାକୁ ଆସିବାକୁ ବାଧ ହେଲି ।"

"ନିଶ୍ଚୟ, ନିଶ୍ଚୟ, ମୁଁ ମନେରଖିଛି ତାହା, ମୁଁ ତୁମ ମନର ଏହି ଭ୍ରମ ଦୂର କରିବି ହେଲେ ତା ପୂର୍ବରୁ ମୋତେ କୁହ ତୁମେ କେବେ ରାମାୟଣ, ମହାଭାରତ କିମ୍ବା ଗୀତା ପଢିଚ ?"

ପ୍ରତ୍ୟୁତରରେ ଯୁବକ ଜଣକ କହିଲେ, "ନାଇଁ ପଢିନି ଏବଂ ପଢିବା ଆବଶ୍ୟକ ବି ନାହିଁ । ଏସବୁ ମିଛ, ଆମେ ଏହି ରାମାୟଣ, ଗୀତା ଓ ମହାଭାରତ ଆଦି ପଢିଲେ ଆମର ଲାଭ କ'ଣ ହେବ ଯେ ମୁଁ ଏହା ପଢିବି ।"

ଭଦ୍ରବ୍ୟକ୍ତି ଜଣକ କହିଲେ - " ଅଛି, ଲାଭ ଅଛି, ଏପରି ଅନେକ କଥା ଅଛି ଯେଉଁ କଥା ତୁମେ କେବଳ ରାମାୟଣ, ଗୀତା ଆଦିରୁ ପାଇପାରିବ । ଏହସବୁ ପାଇଁ ତ ପ୍ରଥମେ ଭାରତ ଥିଲା ବିଶ୍ୱଗୁରୁ ।" ସେ ପୁନଃଶ୍ଚ କହିବାକୁ ଆରମ୍ଭ କଲେ ।

– "ଏହି ସବୁ ଗ୍ରନ୍ଥର ଅତୀତ ଓ ତା'ର ମହନୀୟତା ବର୍ତମାନ ଯେପରି ସମୟର ଚୋରା ବାଲିରେ ଦବି ଯାଇଛି, ମାତ୍ର ଇତିହାସ ଯାହା କହେ ତାହା କ'ଣ ମିଛ ହୋଇପାରିବ ? ଯେତେବେଳେ ଚୀନ୍‌ରୁ ହୁଏନ୍‌ସା ଭାରତ ପରିଦର୍ଶନରେ ଆସିଥିଲେ ସେ ବିଶ୍ୱ ଦରବାରରେ ଭାରତର ତିନୋଟି ଜିନିଷକୁ ମହାନ୍ ବୋଲି କହିଥିଲେ । ପାଣି-ବାଣୀ ଓ କାହାଣୀ, ସେ କହିଥିଲେ ଭାରତର ପ୍ରବାହିତ ଗଙ୍ଗାପାଣି ତୁଲ୍ୟ ଅନ୍ୟ ପବିତ୍ର ପାଣି ସଂସାରରେ ନାହିଁ । ଗୀତା ବାଣୀ ତୁଲ୍ୟ ଅମୂଲ୍ୟ ସମ୍ପଦ ଅନ୍ୟ କେଉଁଠି ମିଳିବ ନାହିଁ ଓ ସଂସାରର ସମସ୍ତ କାହାଣୀ ମଧରୁ ରାମାୟଣ ହେଉଛି ଶ୍ରେଷ୍ଠ କାହାଣୀ ।"

"କିନ୍ତୁ ଏ ସବୁ ଦ୍ୱାରା ମୋର ଲାଭ ବା କ୍ଷତି କ'ଣ ?" ଯୁବକ ଜଣକ କହିଲେ । ପ୍ରତ୍ୟୁତରରେ ଆସିଲା- "ଅଛି, ନିଶ୍ଚୟ ଅଛି । ରାମାୟଣ କାହାଣୀ କ'ଣ ଶିକ୍ଷା ଦିଏ ଜାଣିଛ ?- ଜଣେ ଉତମ ପୁତ୍ରର କର୍ତବ୍ୟ, ଜଣେ ଉତମ ଭାଇର କର୍ତବ୍ୟ, ଜଣେ ଉତମ ପିତାର କର୍ତବ୍ୟ, ଜଣେ ଉତମ ମାତାର କର୍ତବ୍ୟ, ଜଣେ ଉତମ ବନ୍ଧୁର ଲକ୍ଷଣ ଓ ସେ ସମସ୍ତ ମାନବର ବିଭିନ୍ନ ସ୍ଥିତିରେ ତା'ର ଆଦର୍ଶ, କର୍ତବ୍ୟ ଓ ଆଚରଣ ବିଧି, ଯାହା ବୋଧ ହୁଏ ତୁମକୁ ଜୀବନର ପ୍ରତ୍ୟେକ ସମୟରେ ସାହଯ୍ୟ କରିବ ।"

"କିନ୍ତୁ କେବଳ କ'ଣ କର୍ତବ୍ୟ ଓ ଆଚରଣରେ ମନୁଷ୍ୟ ସଫଳ ହୋଇପାରେ ? କଦାପି ନୁହେଁ, ତେବେ ଏ ସବୁର ମୂଲ୍ୟ କ'ଣ ? କେବଳ ଯେ କର୍ତବ୍ୟ ବୋଧ ହେବାର ଶିକ୍ଷା ମିଳିବା ଟା ଯଥେଷ୍ଟ ଏହା ତ ସମ୍ପୂର୍ଣ୍ଣ ଭୁଲ୍ । ତେବେ ଆମ ଶାସ୍ତ୍ରରେ କ'ଣ କେବଳ କର୍ତବ୍ୟ - ବୋଧ ଭାବନା ଅଛି ?" ଯୁବକ ଜଣକ ପ୍ରଶ୍ନ କଲେ ।

ଏହା ଶୁଣି ବୃଦ୍ଧ ବ୍ୟକ୍ତି ଜଣକ କହିଲେ - "କେବଳ କର୍ତବ୍ୟ ନୁହେଁ ଏହି କର୍ତବ୍ୟ ସାଧନର ଉପାୟ ବି ଅଛି । ଏହି ସବୁ ବ୍ୟତୀତ ସବୁ ସମସ୍ୟାର ସମାଧାନ ବି ଅଛି । ସେଥିପାଇଁ ତ ଆମ ଭାରତରେ ଘରେ ଘରେ ଗୀତାର ପଠନ ହେଉଥିଲା । ସେଥିରେ ରହିତ ମନୁଷ୍ୟର ପ୍ରତ୍ୟେକ ପ୍ରଶ୍ନର ଉତର ଓ ସବୁ ସମସ୍ୟାର ସମାଧାନ ଯାହା ପାଇଁ ବୋଧ ହୁଏ ଅତୀତର ଭାରତ ସ୍ୱର୍ଣ୍ଣିମ ଥିଲା । ସେଥିପାଇଁ ବିଶ୍ୱର ବଡ଼ ବଡ଼ ସଫଳ ବ୍ୟକ୍ତିଗଣ ଯଥା ପ୍ଲାଟୋ, ସକ୍ରେଟିସ୍, ଋଷୋ ସମସ୍ତେ କେଉଁଠିନା କେଉଁଠି ଗୀତା କୁ ହିଁ ସବୁ ଜ୍ଞାନର ସ୍ରଷ୍ଟା କହିଛନ୍ତି ।"

କଥା ମଧରେ ଯୁବକ ଜଣଙ୍କର ଦୃଷ୍ଟି ପଡ଼ିଲା ତାଙ୍କ ରୁମ୍ର ଥାକରେ ଥିବା ରାମାୟଣ, ଗୀତା ଓ ମହାଭାରତ ଆଦି ଗ୍ରନ୍ଥ ଉପରେ ସେ ବୁଝି ପାରିଥିଲେ ଯେ ଆମର ସଂସ୍କୃତି ହିଁ ଆମ ପାଇଁ ଶ୍ରେଷ୍ଠ ଓ ଆମ ଜୀବନର ପଥ ପ୍ରଦର୍ଶକ । "ତେବେ ଏଥର ମୁଁ ଆସୁଛି, ଆପଣଙ୍କୁ ଧନ୍ୟବାଦ ଯେ ଆପଣ ମୋହର ଏହି ଭ୍ରମ ଦୂର କରିପାରିଲେ । ତେବେ ଆପଣଙ୍କ ନାମ ମୁଁ ଜାଣିପାରିଲି ନାହିଁ ।"

ଭଦ୍ର ବ୍ୟକ୍ତି ଜଣକ ହସି ହସି କହିଲେ "ମୋର ନାମ ଏ.ପି.ଜେ ଅବଦୁଲ୍ କାଲାମ୍ ।" ଏହା ଶୁଣି ଯୁବକ ଜଣକ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଚାହିଁ ରହିଥିଲେ । କାରଣ ସେ ପର୍ଯ୍ୟନ୍ତ ସେ ଜାଣି ନ ଥିଲେ ଯେ ଭାରତର ଜଣେ ସଫଳତମ ବୈଜ୍ଞାନିକ ତାଙ୍କୁ ଏ କଥା କହୁଛନ୍ତି ଯେ ନିଜେ ଇସ୍ଲାମ୍ ଧର୍ମର । ଯୁବକ ଜଣକ ନିଜର ଭୁଲ୍ ବୁଝିପାରିଲେ । ତାଙ୍କ ମନରେ ଭାରତୀୟ ସଂସ୍କୃତି ଓ ପରମ୍ପରା ପ୍ରତି ମହତ୍ୱବୋଧ ଜାତ ହେଲା । କିନ୍ତୁ ବର୍ତ୍ତମାନର ମଣିଷ ଆଜି ପର୍ଯ୍ୟନ୍ତ ବୋଧ ହୁଏ ସେହି ଗୀତା ବାଣୀ ଓ ରାମାୟଣ କାହାଣୀର ମୂଲ୍ୟ ବୁଝିବାରେ ଅକ୍ଷମ ଯାହା ହୁଏତ ଆମକୁ ସଭ୍ୟତାର ମୂଲ୍ୟ ଲକ୍ଷ୍ୟ ହାସଲରେ ବିପଥଗାମୀ କରିବ ।




***

## "ମାଁ"


ନାମ-ଶାନ୍ତନୁ କୁମାର ସାହୁ
ଶ୍ରେଣୀ - ଦଶମ(ଭରଦ୍ୱାଜ)


ମାଁର ପଣତ ଶ୍ରୀ ମନ୍ଦିର ନେତ
ସ୍ନେହ ମମତାର ଘର
ବିପଦେ ଆପଦେ ରକ୍ଷା କରୁ ସେ
କରେ ନାହିଁ କେବେ ପର । ।।୧।।

ଦଶମାସ ଦଶଦିନ ଗର୍ଭେ ଧରି
ଜନମ ଦେଇଛି ସିଏ
ତା'ଠାରୁ ବଳି ଏଇ ସଂସାରରେ
କୁହ ଭାଇ ଅଛି କିଏ ? ।।୨।।

ମାଁ ର ପରଶେ ଦୁଃଖ ଶୋକ ସବୁ
କ୍ଷଣକେ ଯାଏ ଉଭେଇ
ତା'ରି ଆଶିଷେ କଠିନ କାମ ବି
ଯାଏ ତ ସରଳ ହୋଇ । ।।୩।।

କରୁଣାମୟୀ ସେ ଦୟାର ସାଗର
ତା'ପାଦେ ସରଗ ସୁଖ
ମାଁ ହାତ ଧରି ବାଟ ଚାଲୁଥିଲେ
ଦୂରତା ବି ହୁଏ ପାଖ । ।।୪।।

ମାଁ ଶବଦ ଟି ଅମୃତ ସମାନ
ସେ ନାମରେ ଅଛି ଜୟ
ମାଁ ନାମ ସ୍ମରି ମାତୃ ସେବା କଲେ
ଦୂର ହୁଏ ପାପ ଭୟ । ।।୫।।

ମାଁ ଠାରୁ ବଳି ଏ ତିନି ଭୁବନେ
ଅଛି କି ଅମର ଜ୍ୟୋତି ?
ଗୋଟିଏ ହୃଦୟେ ଏକା ସଙ୍ଗରେ
ସତ୍ୟ ଶାନ୍ତି ମୈତ୍ରୀ ପ୍ରୀତି । ।।୬।।

***

## ପ୍ରାକ୍ ସାରଳା ସାହିତ୍ୟ

ନାମ- ଶ୍ରୀମତୀ ରଶ୍ମିରାଣୀ ଷଡ଼ଙ୍ଗୀ
(ଆଚାର୍ଯ୍ୟା, ଓଡ଼ିଆ ବିଭାଗ)

ସଂସ୍କୃତିର ସହସ୍ର ମୁଖ ଭିତରୁ ସାହିତ୍ୟ ହେଉଛି ସବୁଠାରୁ ସୁନ୍ଦର ମୁଖ । ସାହିତ୍ୟର ଦର୍ପଣରେ ଜୀବନକୁ ସମାଜକୁ ଜାତିକୁ ଓ ବିଶ୍ୱକୁ ଭଲ ଭାବରେ ଦେଖି ହୁଏ । ପ୍ରାକ୍ ସାରଳା ସାହିତ୍ୟରେ ଓଡ଼ିଆ, ଜୀବନ, ସମାଜ ଓ ଚଳଣିର ନିଛକ ଚିତ୍ରକୁ ଆମେ ଭଲ ଭାବରେ ଦେଖିବାକୁ ପାଉ ।

ପ୍ରାକ୍ ସାରଳା ଯୁଗର ଆଦିତମ ନିଦର୍ଶନ ହେଉଛି ଚର୍ଯ୍ୟାଗୀତିକା । ୮୪ଜଣ ସିଦ୍ଧଙ୍କ ଦ୍ୱାରା ରଚିତ ଦୋହାର ସମଷ୍ଟି ଏହି ଗୀତିକା ଅଟେ । ଏହାର ରଚନା ସମୟ ୭ମ ଶତାବ୍ଦୀରୁ ଏକାଦଶ ଶତାବ୍ଦୀ ମଧ୍ୟରେ । ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଦ୍ୱାରା ରଚିତ ଏହି ଚର୍ଯ୍ୟାପଦ ସମୂହକୁ ବଙ୍ଗଳା ଭାଷାର ସ୍ୱନାମ ଧନ୍ୟ ପଣ୍ଡିତ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ୧୯୦୭ ମସିହାରେ ନେପାଳ ଦରବାରରେ ଥିବା ପୋଥି ଶାଳାରୁ ଆବିଷ୍କାର କରିଥିଲେ । ୫୦ଟି ଗୀତିର ସମାହାର ବିଶିଷ୍ଟ ଏହି ପୋଥିଟିର ନାମ ଥିଲା ଚର୍ଯ୍ୟାଚର୍ଯ ବିନିଶ୍ଚୟ । ୧୯୧୬ ମସିହାରେ ଶାସ୍ତ୍ରୀ ମହୋଦୟ ଏହି ପୋଥିକୁ ସମ୍ପାଦନ କରି ଏହାର ନାମ କାରଣ କରିଥିଲେ "ହଜାରେ ବଛରେର ପୁରାଣ ବାଙ୍ଗାଳ ଭାଷାୟ ବୌଦ୍ଧ ଗାନ ଓ ଦୋହା ।" ସେହିଦିନ ଠାରୁ ଏହାକୁ ବୌଦ୍ଧ ଜ୍ଞାନ ଓ ଦୋହା ରୂପେ ଅଭିହିତ କରାଯାଇଛି ।

ବୌଦ୍ଧ ଜ୍ଞାନ ଓ ଦୋକହାକୁ ଆବିଷ୍କାର କରିବା ପରେ ହର ପ୍ରସାଦ ଶାସ୍ତ୍ରୀ ଏହାକୁ ବଙ୍ଗଳା ଭାଷାର ପ୍ରାଚୀନ ନିଦର୍ଶନ ବୋଲି ଘୋଷଣା କଲେ । ମାତ୍ର ବିଭିନ୍ନ ଭାଷାର ଗବେଷକ ଓ ଆଲୋଚକ ମାନେ ଚର୍ଯ୍ୟାକୁ ସେମାନଙ୍କ ଭାଷା ସାହିତ୍ୟର ପ୍ରାଚୀନ ରୂପ ଭାବେ ଦାବି କରିଥିଲେ ମଧ ପଣ୍ଡିତ ବିନାୟକ ମିଶ୍ର ଓ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ପରି ଓଡ଼ିଆ ଭାଷା ସାହିତ୍ୟର ଆଲୋଚକ ତଥା ଗବେଷକମାନେ ଚର୍ଯ୍ୟାକୁ ଓଡ଼ିଆ ସାହିତ୍ୟର ପ୍ରାଚୀନ ରୂପ ବୋଲି ପ୍ରମାଣ କରିଛନ୍ତି । ପ୍ରକୃତରେ ଚର୍ଯ୍ୟାଗୀତି ଗୁଡ଼ିକ ହେଉଛି ପ୍ରାଚ୍ୟ ମାଗଧୀ - ଅପଭ୍ରଂଶ ଭାଷାରେ ରଚିତ । ଏହି ଭାଷାରେ ବହୁ ଉପଭାଷାର ମିଶ୍ରଣ ରହିଛି । ଏହାକୁ କୌଣସି ନିର୍ଦ୍ଦିଷ୍ଟ ଭାଷାର ସମ୍ପଦ ବୋଲି କହିବା ସମୀଚୀନ ନୁହେଁ ।

ଚର୍ଯ୍ୟାର ପ୍ରକୃତ ଅର୍ଥ ହେଲା ଆଚାର । ନେପାଳର ବୌଦ୍ଧ ଭିକ୍ଷୁମାନେ ସେମାନଙ୍କ ଗୁପ୍ତ ପୂଜାକୁ ଚର୍ଯ୍ୟା କୁହାଯାଏ । ତେଣୁ ବୌଦ୍ଧ ସାଧକମାନଙ୍କ ଯୋଗ ସାଧନ ପଦ୍ଧତିର ଆଚରଣ ବିଧି ଯେଉଁଥିରେ ଲିପିବଦ୍ଧ ହୋଇଛି ତାହାକୁ ହିଁ ଚର୍ଯ୍ୟାପଦ କୁହାଯାଏ ।

ଚର୍ଯ୍ୟାଗୀତିକାରମାନେ ସେମାନଙ୍କ ସାହିତ୍ୟିକ କୃତିରେ ତତ୍କାଳିନ ସମାଜର ଚିତ୍ର ଉକୁଟାଇଛନ୍ତି । ସମାଜରେ ପ୍ରାଣ ସ୍ପନ୍ଦନରେ ସ୍ପନ୍ଦନ ହୋଇଥିବା ଗୀତିକାଗୁଡ଼ିକ ଅଲୋଚନା କଲାବେଳକୁ ତତ୍କାଳୀନ ସମାଜର ବେଶଭୁଷା ସମ୍ପ୍ରଦାୟ, ବାଣିଜ୍ୟ, କଳା ଧର୍ମ ଦର୍ଶନ ତଥା ବିଦ୍ୟା ଆଦିର ପରିଚୟ ମିଳେ । ଚର୍ଯ୍ୟାକାରଙ୍କ ମଧ୍ୟରୁ ସହରପା, ଶବରପା, ଭୁଶୁକୁପା, ଲୁଇପା, କାହ୍ନୁପା ଆଦି ଓଡ଼ିଆ ଥିଲେ ବୋଲି ବିଭିନ୍ନ ଆଲୋଚକଙ୍କ ଦ୍ୱାରା ପ୍ରମାଣିତ ହୋଇଛି । ଏମାନଙ୍କ ଜୀବନି ଅନୁଶୀଳନ କଲେ ଓଡ଼ିଶାର ସଂସ୍କୃତିର ମହନୀୟ ରୂପ ଆମ ଆଖି ଆଗରେ ନାଚେ ।

ନାଥ ସାହିତ୍ୟ ଓଡ଼ିଶାରେ ପ୍ରତିଷ୍ଠା ଲାଭ କରିଥିବା ଅନ୍ୟ ଏକ ପ୍ରାଚୀନ ସାହିତ୍ୟ । ଚର୍ଯ୍ୟା ସାହିତ୍ୟ ଓ ସାରଳା ସାହିତ୍ୟ ମଧ୍ୟବର୍ତୀ ସମୟରେ ଏହି ସାହିତ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସୃଷ୍ଟି କରିଥାଏ । ବୌଦ୍ଧ ଧର୍ମ ପରେ ଓଡ଼ିଶାରେ ନାଥ ଧର୍ମର ବିକାଶ ହୋଇଥିଲା । ତତ୍କାଳୀନ ଓଡ଼ିଶାରେ ସାମାଜିକ ଓ ସାଂସ୍କୃତିକ ଜୀବନରେ ନାଥମାନେ ଯଥେଷ୍ଟ ସମ୍ମାନର ଅଧିକାରୀ ଥିଲେ । ଦ୍ୱାଦଶ ଶତାବ୍ଦୀର ଆରମ୍ଭ ବେଳକୁ ନାଥ ଧର୍ମର ଆର୍ବିଭାବ ଘଟିଥିଲା । ଏହି ଧର୍ମର ଆଦିଗୁରୁ ଥିଲେ ଗୋରେଖନାଥ । ଶିଶୁବେଦ, ଅମାକୋଶ ଗୀତା, ଅଷ୍ଟାଙ୍ଗ ଯୋଗ ଧାରଣା ପ୍ରଭୃତି ଗ୍ରନ୍ଥ ଓଡ଼ିଆ ନାଥ ସାହିତ୍ୟର ବିଶିଷ୍ଟ ରଚନା । କେନ୍ଦରାବାଦ୍ୟ ସହାୟତାରେ ନାଥ ଯୋଗୀମାନେ ଏହି ଧର୍ମର ବିଭିନ୍ନ ନୀତି ଆଧାତ୍ମିକ ଗାଥା ତଥା ଗୁରୁ ଭଜନମାନ ଗାନ କରୁଥିଲେ । ନାଥ ଯୋଗୀମାନେ ହାତରେ କେନ୍ଦରା କାନ୍ଧରେ ଝୁଲି ଓ ଲାଉଫାଳ ଗଳାରେ ରୁଦ୍ରାକ୍ଷମାଳ ଓ କପାଳରେ ଚିତା ଲଗାଇ ଗୋବିନ୍ଦ ଚନ୍ଦ୍ରଙ୍କ ଉପାଖ୍ୟାନ 'ଭଜୁକିନା ରାମ ନାମରେ ରାଜନ......' । ସଙ୍ଗୀତକୁ କରୁଣ ସ୍ୱରରେ ଗାନ କରନ୍ତି । ନାଥ ଧର୍ମରେ ନାରୀମାନଙ୍କର ସ୍ଥାନ ନ ଥିଲା । ଏମାନେ ନିଜକୁ ନାରୀଠାରୁ ଯଥେଷ୍ଟ ଦୂରରେ ରଖି ନିଜକୁ ନିଜେ ନାରୀ ସ୍ୱରବାଦୀ ବୋଲି କହୁଥିଲେ । ସିଦ୍ଧାଚାର୍ଯ୍ୟଙ୍କ ସଂଖ୍ୟା ୮୪ ଥିଲା ବେଳେ ଏମାନଙ୍କ ସଂଖ୍ୟା ଥିଲା ୯ ।

ନାଥ ସାହିତ୍ୟର ଭାଷା ଆଧୁନିକ ଓଡ଼ିଆ ଭାଷାର ନିକଟବର୍ତୀ ମୋଲି ମନେ ହୁଏ । ନାଥ ସାହିତ୍ୟକୃତିଗୁଡ଼ିକ ମଧ୍ୟରୁ ଶିଶୁମ୍ଭ ବେଦରେ ଓଡ଼ିଆ ଗଦ୍ୟ ଭାଷାର ପ୍ରାଚୀନ ସ୍ୱରୂପକୁ ଓ ଓଡ଼ିଶା ଧର୍ମଧାରଣାର ବିଶେଷତ୍ୱକୁ ଲକ୍ଷ୍ୟ କରାଯାଏ । ଏତଦ୍‌ବ୍ୟତୀତ ସପ୍ତାଙ୍ଗ ଯୋଗ ଧାରଣାରେ ଧ୍ୟାନ ଧାରଣା, ପ୍ରାଣାୟାମ, ସାଧନା ଓ ଇଷ୍ଟ ଯୋଗର ଗୁରୁତ୍ୱ ସହିତ କାୟାସିଦ୍ଧି ବୈଶିଷ୍ଟ୍ୟକୁ ଉପଲବ୍ଧ କରାଯାଏ ।

ଓଡ଼ିଆ ସାହିତ୍ୟ ଇତିହାସରେ ନାଥ ସାହିତ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ସମଗ୍ର ଭାରତରେ ଏକଦା ଗୋଟିଏ ବିଶିଷ୍ଟ ଧର୍ମ ସମ୍ପ୍ରଦାୟର ସାହିତ୍ୟ ଭାବରେ ଏହାର ଖ୍ୟାତି ଥିଲା । ଓଡ଼ିଆ ସାହିତ୍ୟର ବିକାଶରେ ଏହାର ଦାନ ଅତୁଳନୀୟ । ଚର୍ଯ୍ୟା ସାହିତ୍ୟ ଓ ସାରଳା ସାହିତ୍ୟ ମଧ୍ୟରେ ଯେଉଁ ବ୍ୟବଧାନ ରହିଛି ସେହି ବ୍ୟବଧାନର ସଂଯୋଜକ ହେଉଛି ନାଥ ସାହିତ୍ୟ ।

***

## ମୋର ଶ୍ରେଣୀ ପଞ୍ଜିକା

ନାମ- ସଂକେତ କୁମାର ସାହୁ
ଶ୍ରେଣୀ - ନବମ(ଭରଦ୍ୱାଜ)

ବିଦ୍ୟାଳୟ ପ୍ରିୟ ମୋର,
ନାଁଟି ତା'ର ଶିଶୁ ବିଦ୍ୟା ମନ୍ଦିର ।
ଦେବତା ଅଟନ୍ତି ଗୁରୁଜୀ ଗୁରୁମା
ସେମାନଙ୍କର ମୁଁ ଦେବି କି ଉପମା ।
ଅଜାଣତେ ମସୀ ଚଳାଉଛି ମୁହିଁ
ତ୍ରୁଟି ଥିଲେ କରିନେବ ଚଳାଇ ।
ସମୀର ଗୁରୁଜୀ ଆମ୍ଭର,
ଇଂରାଜୀ ପଢାନ୍ତି ସୁନ୍ଦର ।
ସେ ତ ଆମର କକ୍ଷାଚାର୍ଯ୍ୟ
ତାଙ୍କ ଆଦେଶ ଶିରୋଧାର୍ଯ୍ୟ ।
ତା ପରେ ଆସଇ ଗଣିତ
ସେ ପାଠ ଅଟଇ ମିଚିତ୍ର ।
ତାକୁ ପଢାନ୍ତି ଗୁରୁମା ବିନୋଦିନୀ
ସେ ଟିକେ ଅଟନ୍ତି ଅଭିମାନିନୀ ।
ସେ ଯେତେ ପଢାଇଥାନ୍ତି ପାଠ
ବିଦ୍ୟାର୍ଥୀ ଭୁଲିବା ଅଟଇ କଷ୍ଟ ।
ମାତୃଭାଷା ଯେ ଏହାପରେ
ମନ ଆନନ୍ଦେ ପୂରା କରେ ।
ମିନାକ୍ଷୀ ଗୁରୁମା ଆମର
ଅଟନ୍ତି ଅତି ଆପଣାର ।
ଅତି ପ୍ରାଞ୍ଜଳ ସହକାରେ
ପଢା ତାଙ୍କର ପ୍ରାଣଭରେ ।
ବିଜ୍ଞାନ ବିଭକ୍ତ ଦୁଇଭାଗେ
ଭୌତିକ ବିଜ୍ଞାନ ଆସେ ଆଗେ ।
ସେ ମଧ ଅଟେ ଅଙ୍କ ପରି
ପିଲାଏ ଯା'ନ୍ତି ତାକୁ ଡ଼ରି ।
ପ୍ରସନ୍ନ ପଣ୍ଡା ଗୁରୁଜୀ ସେ
ବୁଝାନ୍ତି ତାକୁ ମିଷ୍ଟଭାଷେ ।
ଦେଖାଇ ବିଜ୍ଞାନ ସରଞ୍ଜାମ
ବୁଝାନ୍ତି ସେମାନଙ୍କ କାମ ।
ଜୀବ ବିଜ୍ଞାନ ଯେବେ ଆସେ
ପିଲାଏ ପଢନ୍ତି ଉଲ୍ଲାସେ ।
ଜୀବୋଉଦ୍ଭିଦଙ୍କ ବିଜ୍ଞାନ ନାମ
ମନେ ରଖିବା ଭାରି କଷ୍ଟ କାମ ।
ସେ ତ ଶକୁନ୍ତଳା ଗୁରୁମା
ପଢାନ୍ତି କରି ଆଲୋଚନା ।
ତା' ପରେ ଆସେ ଇତିହାସ
ପିଲେ କରନ୍ତି ପରିହାସ ।
ମନେରଖିବା ପାଠ ଏହି
ପିଲେ ପଢନ୍ତି ମନ ଦେଇ ।
ପଢାଇଥାନ୍ତି ମୀରା ଗୁରୁମା
ମଝିରେ ଦ୍ୟନ୍ତି ହିନ୍ଦୀ ଉପମା ।
ରଶ୍ମୀ ଗୁରୁମା ଯେ ପଢାନ୍ତି ଭୂଗୋଳ
ବୁଝାନ୍ତି ଦେଖାଇ ମାନଚିତ୍ର ପ୍ରାଞ୍ଜଳ ।
ଭାଷା ଉଦ୍ଭବ ସଂସ୍କୃତରୁ
ତେଣୁ ସେ ଅଟେ ଭାଷା ଗୁରୁ ।
ପ୍ରିୟ ବିଷୟ ଯେ ଏହା ମୋର
ପଢାନ୍ତି ସରଜୁ ଗୁରୁମା ଆମର ।
ଦିଅନ୍ତି ନୀତି ଉପଦେଶ
କରନ୍ତି ଆମ ମନତୋଷ ।
ରଣଜିତ୍ ଗୁରୁଜୀ ଆମ ଅତି ପ୍ରିୟତମ
ଖେଳାନ୍ତି ସପ୍ତାହକୁ ମାତ୍ର ଦୁଇଦିନ ।
ମନ ବୁଝେ ନା ଖେଳି ଦୁଇ ଦିନ
ଇଚ୍ଛା ତ ହୁଅଇ ସବୁ ଦିନ ।
ନବମ ଭରଦ୍ୱାଜ କଥା ଏହି
ସଂକେତ ଲେଖିଛି ମନ ଦେଇ ।

***

# ରାବଣର ଜନ୍ମ ରହସ୍ୟ

ନାମ - ସୌରଭ ସ୍ୱାଇଁ
ଶ୍ରେଣୀ - ନବମ

ଅନେକଦିନ ତଳେ କେକେୟ ଦେଶରେ ସତ୍ୟକେତୁ ନାମରେ ଜଣେ ଧାର୍ମିକ ଓ ଖୁବ୍ ପ୍ରତାପଶାଳୀ ରାଜା ରାଜପଣ କରୁଥିଲେ । ତାଙ୍କର ପ୍ରତାପଭାନୁ ଓ ଅରିମର୍ଦ୍ଧନ ନାମରେ ଦୁଇ ଗୁଣବାନ୍ ପୁତ୍ର ଥିଲେ । ରାଜା ସତ୍ୟକେତୁ କିଛି କାଳପରେ ଜ୍ୟେଷ୍ଠପୁତ୍ର ପ୍ରତାପଭାନୁ କୁ ରାଜ୍ୟଭାର ଅର୍ପଣ କରି ସନ୍ୟାସ ବ୍ରତରେ ବଣକୁ ବାହାରିଗଲେ । ପିତାଙ୍କ ପ୍ରାୟ ପ୍ରତାପଭାନୁ ଧର୍ମରେ ପ୍ରଜାପାଳନ କଲେ । ରାଜା ପ୍ରତାପଭାନୁଙ୍କର ବିଜ୍ଞ ମନ୍ତ୍ରୀ ଥିଲେ ଧନରୁଚି । ଧନରୁଚିଙ୍କର ସୁମନ୍ତ୍ରଣାରେ ପ୍ରତାପଭାନୁଙ୍କର ସୁଶାସନ ଚାଲିଥିଲା । ତାଙ୍କ ରାଜ୍ୟରେ କୌଣସି ଦୁଃଖ ଦୈନ୍ୟ ନ ଥିଲା । ସମସ୍ତେ ସୁଖରେ କାଳ କାଟୁଥିଲେ । ଦିନେ ରାଜା ବିନ୍ଧ୍ୟାଚଳର ଘଂଚ ଅରଣ୍ୟରେ ପାରିଧି କରୁଥିବାବେଳେ ଏକ ବରାହକୁ ଦେଖି ତା'ପଛରେ ଧନୁବାଣ ଧରି ଧାବିତ ହେଲେ । ବରାହଟି ଦୌଡ଼ି ଦୌଡ଼ି ଯାଇ ଗୋଟିଏ ଗୁମ୍ଫା ମଧରେ ପଶିଗଲା । ରାଜା ବରାହ ପଛରେ ଗୋଡ଼ାଇ ଗୋଡ଼ାଇ ତୃଷିତ ହୋଇ ପଡ଼ିଲେ ଓ ଜଳ ଖୋଜି ଖୋଜି ଯାଇ ଏକ ଆଶ୍ରମ ନିକଟରେ ପହଂଚିଲେ । ସେହି ଆଶ୍ରମରେ ଜଣେ ମୁନି ବାସ କରୁଥିଲେ । ସେ ଆଗରୁ ଜଣେ ରାଜା ଥିଲେ ଓ ପ୍ରତାପଭାନୁଙ୍କଠାରୁ ପରାଜିତ ହୋଇ ସେ ବନକୁ ପଳାଇ ଯାଇ କପଟତପସ୍ୱୀ ବେଶରେ ସେହି ଆଶ୍ରମରେ ରହୁଥିଲେ । ସେ ରାଜା ପ୍ରତାପଭାନୁଙ୍କୁ ଦେଖିବା ମାତ୍ରେ ଚିହ୍ନିନେଲେ । ରାଜା ତାଙ୍କୁ ନମସ୍କାର କଲେ । ତୃଷାର୍ତ୍ତ ରାଜାଙ୍କୁ ସେ ଏକ ଜଳାଶୟ ନିକଟକୁ ନେଇଗଲେ । ସେଠାରେ ରାଜା ତୃଷା ନିବାରଣ କରି ଓ ସ୍ନାନ କରି ଆଶ୍ରମକୁ ଫେରି ଆସିଲେ । ତପସ୍ୱୀ ତାଙ୍କୁ ପଚାରିଲେ , ମୁଁ ଆପଣଙ୍କଠାରେ ଜଣେ ଚକ୍ରବର୍ତୀ ରାଜାର ସବୁ ଲକ୍ଷଣ ଦେଖି ପାରୁଛି । ଆପଣ , ବନରେ କାହିଁକି ବୁଲୁଛନ୍ତି ।

ରାଜା ତାଙ୍କୁ ପରିଚୟ ଦେଇ ମୃଗୟା ଉଦ୍ଦେଶ୍ୟରେ ବନକୁ ଆସିଥିଲେ ବୋଲି କହିଲେ । ସନ୍ଧ୍ୟା ହୋଇ ଆସୁଥାଏ ଏଣୁ ମୁନି ତାଙ୍କୁ ଆଶ୍ରମ ମଧରେ ରାତ୍ରିଯାପନ କରିବାକୁ କହିଲେ । ରାଜା ତାଙ୍କର ଆତିଥ୍ୟ ଗ୍ରହଣ କଲେ । ରାଜା ଛଦ୍ମବେଶୀ ମୁନିଙ୍କର ଆତିଥେୟତାରେ ଅତ୍ୟନ୍ତ ମୁଗ୍ଧ ହୋଇ ତାଙ୍କର ପ୍ରଶଂସା କରିବାକୁ ଲାଗିଲେ । ତପସ୍ୱୀ ନିଜ ପରିଚୟ ଦେଇ କହିଲେ ହେ ରାଜା ମୋର ନାମ ଏକତନୁ । ସୃଷ୍ଟି ଆରମ୍ଭରେ ମୋର ଜନ୍ମ । ମୁଁ ସେହି ଦିନ ଠାରୁ ଅନ୍ୟ ଶରୀର ଧାରଣ କରି ନଥିବାରୁ ମୋର ନାମ ଏକତନୁ ହୋଇଛି । ମୋ ତପୋବଳରେ ଏହା ସମ୍ଭବ ହୋଇଛି । ମୋର ଅଜ୍ଞାତ ବୋଲି କିଛି ନାହିଁ । ମୁଁ ଆପଣଙ୍କୁ ମଧ ଜାଣିଛି । ଆପଣ ହେଉଛନ୍ତି - ଧର୍ମପ୍ରାଣ ରାଜା "ସତ୍ୟକେତୁ"ଙ୍କ ପୁତ୍ର ପ୍ରତାପଭାନୁ । ଏପରି କଥା ଶୁଣି ରାଜା ମୁନିକୁ ପ୍ରଣାମ କରି କହିଲେ ହେ ମୁନି ! ଯଦି ଆପଣ ପ୍ରସନ୍ନ ହୋଇଛନ୍ତି ତାହେଲେ ମତେ ଏପରି ବର ଦିଅନ୍ତୁ, ନିଷ୍କଟଂକ ହୋଇ ମୁଁ ଯେପରି ଶତକଳ୍ପ ପର୍ଯ୍ୟନ୍ତ ପ୍ରଜାପାଳନ କରିବି ତପସ୍ୱୀ କହିଲେ ତୁମର ମନସ୍କାମନା ନିଶ୍ଚୟ ପୂର୍ଣ୍ଣ ହେବ । ବ୍ରାହ୍ମଣଙ୍କର ଅଭିଶାପ ବିନା ତୁମର କିଛି କ୍ଷତି ହବ ନାହିଁ । ରାଜା କହିଲେ, ତା ହେଲେ କୃପା କରି ବ୍ରାହ୍ମଣଙ୍କୁ ବଶ କରାଇବାର ଉପାୟ ଆପଣ ମୋତେ ବତାଇ ଦିଅନ୍ତୁ । ତପସ୍ୱୀ କହିଲେ, ଉପାୟ ଅଛି । ମୁଁ ତୁମ ନଗରକୁ ଗଲେ ଯାଇ ତାହା ସମ୍ଭବ ହେବ । ତୁମ ଭବନରେ ମୁଁ ରହି ଅନ୍ନପାକ କରିବି । ତୁମେ ସେହି ପାକାନ୍ନକୁ ବ୍ରାହ୍ମଣ ମାନଙ୍କୁ ପରିବେଶଣ କରିବ ।

କ୍ଲାନ୍ତ ରାଜା ତପସ୍ୱୀଙ୍କର ଆଶ୍ରମରେ ଶୋଇ ପଡ଼ିଲେ । ଯେଉଁ ବରାହକୁ ରାଜା ଛାଡ଼ି ଦେଇଥିଲେ ସେ ଥିଲା କାଳକେତୁ ନାମକ ଏକ ରାକ୍ଷସ ପ୍ରତାପଭାନୁ ତାକୁ ପୂର୍ବେ ପରାସ୍ତ କରିଥିଲେ । କାଳକେତୁ ଏବଂ ମାୟା ତପସ୍ୱୀ ଦୁହେଁ ମିଶି ଏହି ଯୋଜନା ପ୍ରସ୍ତୁତ କରିଥିଲେ । ମାୟାବୀ ରାକ୍ଷସ ରାଜାଙ୍କୁ ନିଦ୍ରିତ ଅବସ୍ଥାରେ ନେଇ ତାଙ୍କ ମହଲରେ ପହଂଚାଇ ଦେଲା । ସେ ପୁଣି ତପସ୍ୱୀକୁ ଏକ ଗୁମ୍ଫା ମଧରେ ରଖିଦେଲା । ରାଜା ସକାଳୁ ଉଠି ଦେଖିଲେ ସେ ନିଜ ଭବନରେ ଅଛନ୍ତି । ଅତ୍ୟନ୍ତ ପ୍ରସନ୍ନ ହୋଇ ସେ ମାୟା ପୁରୋହିତକୁ ଡ଼ାକି ତାଙ୍କ ସହ ବ୍ରାହ୍ମଣମାନଙ୍କୁ ଆପ୍ୟାୟିତ କରିବାର ବ୍ୟବସ୍ଥା କଲେ । ଏକ ଲକ୍ଷ ବ୍ରାହ୍ମଣ କୁଟୁମ୍ବଙ୍କ ସହିତ ନିମନ୍ତ୍ରିତ ହୋଇ ଆସିଲେ । ଏପଟେ ମାୟା ପୁରୋହିତ ବ୍ରାହ୍ମଣ ମାଂସ ଏବଂ ପଶୁ ମାଂସର ଏକ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ପଂକ୍ତି ଭୋଜନରେ ନିମନ୍ତ୍ରିତ ସବୁ ବ୍ରାହ୍ମଣଙ୍କୁ ଭୋଜନ ରାଜା ପରସିଦେଲେ । ଏତିକି ବେଳେ କାଳକେତୁ ରାକ୍ଷସ ନିଜମାୟା ବଳରେ ଆକାଶବାଣୀ କଲା - "ହେ ବ୍ରାହ୍ମଣମାନେ ! ରାଜା ପରିବେଶଣ କରୁଥିବା ବ୍ୟଞ୍ଜନରେ ପଶୁ ଏବଂ ବ୍ରାହ୍ମଣ ମାଂସ ମିଶିଛି । ଆକାଶବାଣୀ ଶୁଣି ବ୍ରାହ୍ମଣମାନେ ଭୋଜନଥାଳିରୁ ଉଠି ପଡ଼ିଲେ । କ୍ରୁଦ୍ଧ ହୋଇ ରାଜାଙ୍କୁ କହିଲେ - ରେ ମୁର୍ଖରାଜା ! ତୁ ଆମ୍ଭମାନଙ୍କୁ ଭ୍ରଷ୍ଟ କରିବାର ଇଚ୍ଛା କଲୁ । ତୁ ପରିବାର ସହ ଭ୍ରଷ୍ଟ ହୋଇଯାଆ । ତୋ କୂଳରେ ପାଣି ଦବା ପାଇଁ କେହି ନ ରୁହନ୍ତୁ । ରାଜା କାତର ହୋଇ ବ୍ରାହ୍ମଣମାନଙ୍କୁ ଯୋଡ଼ା ହସ୍ତରେ ପ୍ରାର୍ଥନା କରୁଛନ୍ତି ସେହି ସମୟରେ ଭଗବାନ ଆକାଶବାଣୀ କଲେ, ହେ ! ବ୍ରାହ୍ମଣମାନେ ରାଜାଙ୍କର କିଛି ଦୋଷ ନାହିଁ ତୁମେ ବିନା ଦୋଷରେ ତାଙ୍କୁ ଶାପ ଦେଇଛ । ରାଜା ଆଶ୍ଚର୍ଯ୍ୟ ହୋଇ ଯାଇ ପାକଶାଳାରେ ପହଂଚି ଦେଖନ୍ତି ତ, ସେଠାରେ

ବ୍ୟଞ୍ଜନ ନାହିଁ କି ବ୍ୟଞ୍ଜନ ପ୍ରସ୍ତୁତକାରୀ ପୁରୋହିତ ନାହାନ୍ତି । ବ୍ରାହ୍ମଣମାନଙ୍କୁ ରାଜା ସମସ୍ତ ଘଟଣା କହିଲେ । ବ୍ରାହ୍ମଣଙ୍କ ଅଭିଶାପ କିନ୍ତୁ ଆଉ ଅନ୍ୟଥା ଯିବାର ନ ଥିଲା । ”

ଏହି ସମୟରେ କାଳକେତୁ ଓ ଛଦ୍ମ ତପସ୍ୱୀ ବେଶ ଧାରୀ ରାଜା ପ୍ରତାପଭାନୁଙ୍କ ନଗର ଉପରେ ଭୀଷଣ ଆକ୍ରମଣ କଲେ । ତୁମୁଳ ଯୁଦ୍ଧ ହେଲା ଓ ଯୁଦ୍ଧରେ ରାଜା, ପ୍ରତାପଭାନୁ ସକୁଟୁମ୍ବେ ନିପାତ ହେଲେ । କୂଳରେ ଆଉ କେହି ରହିଲେ ନାହିଁ ।

ପରେ ସେହି ରଜା 'ପ୍ରତାପଭାନୁ' ଲଙ୍କାପତି 'ରାବଣ' ରୂପେ ଭାଇ 'ଅରିମର୍ଦ୍ଦନ' ହେଲେ 'କୁମ୍ଭକର୍ଣ୍ଣ' ଓ ମନ୍ତ୍ରୀ ଧର୍ମରୁଚି ହେଲେ 'ବିଭୀଷଣ' ତାଙ୍କ ପରିବାରର ସମସ୍ତେ ଦଶାନନଙ୍କର ପରିବାରରେ ଜନ୍ମଗ୍ରହଣ କଲେ ।

"ଶ୍ରୀ ରାମଚରିତ ମାନସ"ରେ ଏହି କାହାଣୀଟି ମହର୍ଷି 'ଯାଜ୍ଞବଲକ୍ୟ' 'ଭରଦ୍ୱାଜକୁ' ଶୁଣାଇଲେ ଓ କହିଲେ ବିଧାତା ଯାହାକୁ ବାମ ହୁଏ ତା ପାଇଁ ଧୂଳିମଧ ମେରୁ ସମାନ ପିତା ଯମ ସମାନ ଓ ଦଉଡି ମଧ ସର୍ପ ସମାନ ହୋଇଯାଏ ।

ସନ୍ଥ ତୁଳସୀଦାସଙ୍କର ଭାଷାରେ :-

**ଭରଦ୍ୱାଜ ମୁନୁ ଜାହି ଜବ ହୋଇ ବିଧାତା ବାମ ।**
**ଧୂରି ମେରୁ ସମ ଜନକ ଯମ ବ୍ୟାଲସମ ଦାମ । ।**

***

## ଆତ୍ମଜ୍ଞାନ (ନିୟତି)

ନାମ- ନିର୍ମଳ ଚନ୍ଦ୍ର ମିଶ୍ର
(ଆଚାର୍ଯ୍ୟ)

ନିୟତି ଏକ ସମୟର ଗତି । ମନୁଷ୍ୟ କର୍ମ କରିଥାଏ । ଫଳ ପାଇବା ପାଇଁ ବଡ଼ ଆଶା ରଖିଥାଏ । କିନ୍ତୁ ବେଳେ ବେଳେ ଆଶା ଅନୁସାରେ ଫଳ ଲାଭ କରିପାରେ ନାହିଁ । ସେହି ସମୟରେ ନିୟତିର ଗତି ପ୍ରକାରେ ଥାଏ । ଇଂରାଜୀରେ ଏକ **Proverb** ଅଛି '**Man purposes, God disposes**' । ଭାଗ୍ୟ ଓ ପରିଶ୍ରମ ମୁଦ୍ରାରେ ଦୁଇ ପାର୍ଶ୍ୱ ଭଳି । ମନୁଷ୍ୟ ସମୟେ ସମୟେ କୌଣସି ଏକ ସିଦ୍ଧାନ୍ତରେ ପହଂଚିଲା ବେଳକୁ ଭ୍ରମରେ ପଡ଼ିଥାଏ । କିନ୍ତୁ ନିୟତିର ବିଚାର ଯାହା ଘଟିବାକୁ ଥାଏ, ତାହା ହିଁ ହୁଏ । ସ୍ୱୟଂ ଭଗବାନଙ୍କ ନିୟତିର ଅଧିନରେ । ଭଗବାନ୍ ନିୟତିକୁ ସୃଷ୍ଟି କଲେ ବି ସେ ନିଜେ ନୀତି ନିୟମକୁ ମାନି ଚଳିବାକୁ ବାଧ୍ୟ । ଏଣୁ ନିୟତିର କରାଳ ଚିତ୍ରରୁ କେହି ବର୍ତିପାରିବେ ନାହିଁ । ଏଣୁ ସତ୍ କର୍ମ କରି ଭଗବାନଙ୍କ ଶରଣାପନ୍ନ ହେଲେ ଆସୁଥିବା ବିପଦରୁ ହୁଏ ତ ରକ୍ଷା ପାଇ ଯାଇ ପାରିବ । ଏଣୁ କୁକର୍ମ ପରିତ୍ୟାଗ କରି ଉତମ କାର୍ଯ୍ୟରେ ମନ ଲଗାଇଲେ କେତେକ କ୍ଷେତ୍ରରେ ନିୟତିର ଗତିକୁ ଆମେ ତାଳ ଦେଇ ଚାଲିପାରିବା ।

***

## ଆମକୁ ପ୍ରେରଣା ଯୋଗାଉଥିବା ଓଡ଼ିଆ ଭାଇ

ନାମ-ସତ୍ୟ ଶଙ୍କର ସାମଲ
ଶ୍ରେଣୀ - ନବମ

* ଅଯୋଧାରେ ପ୍ରତିଷ୍ଠିତ ରାମଲାଲାଙ୍କ ମୃତିରେ ସୂର୍ଯ୍ୟତିଳକର କଳ୍ପନା କରିଥିବା ଓଡ଼ିଶାର ଯୋଗ୍ୟ ସନ୍ତାନ - **ଶ୍ରୀ ସରୋଜ ପାଣିଗ୍ରାହୀ ।**

* ପ୍ରଧାନ ମନ୍ତ୍ରୀଙ୍କ ଅସ୍ତ୍ର ପ୍ରଚାର କରିଥିବା ଓଡ଼ିଆ ଡ଼ାକ୍ତର - **ଡ଼ାକ୍ତର ରମାକାନ୍ତ ପଣ୍ଡା ।**

* କର୍କଟ ରୋଗର ଚିକିତ୍ସା ପାଇଁ ୩୩୦କୋଟି ଟଙ୍କା ଦାନ କରିଥିବା ଓଡ଼ିଆ - **ସୁବ୍ରତ ବାଗ୍‌ଚୀ ।**

* ବର୍ତମାନ ଭାରତୀୟ ସେନାର ଉପମୁଖ୍ୟ ଅଧିକାରୀ - **ଲେଫ୍ଟନାଟ୍ ଜେନେରାଲ ଚଣ୍ଡୀ ପ୍ରସାଦ ମହାନ୍ତି ।**

* ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣରଭାବେ ଅବସ୍ଥାପିତ ଓଡ଼ିଆ - **ଶ୍ରୀଯୁକ୍ତ ଶକ୍ତିକାନ୍ତ ଦାସ**

* ଭାରତୀୟ ପାଣିପାଗ ବିଭାଗର ମୁଖ୍ୟ ପଦରେ ଥିବା ଓଡ଼ିଆ - **ଡଃ. ମୃତ୍ୟୁଞ୍ଜୟ ମହାପାତ୍ର**

* ବର୍ତମାନ ଜାମ୍ମୁକାଶ୍ମୀରରେ ପୋଲିସ୍ ମହାନିର୍ଦ୍ଦେଶକ ଥିବା ଓଡ଼ିଆ - **ଶ୍ରୀ ରଶ୍ମୀ ରଂଜନ ସ୍ୱାଇଁ**

* ଭାରତର ସି.ଏ.ଜି. ପଦରେ ଥିବା ଓଡ଼ିଆ - **ଶ୍ରୀ ଗୀରିଶ୍ ଚନ୍ଦ୍ର ମୁର୍ମୁ**

* ଆମେରିକାରେ ଶ୍ରୀଜଗନ୍ନାଥ ମନ୍ଦିର ତୋଳାଇଥିବା ଓଡ଼ିଆ - **ଡ଼ଃ ଭାଗବତ ସାହୁ**

* ସ୍ୱିଡ଼େନ୍ ପାର୍ଲାମେଂଟ୍‌ରେ ସଦସ୍ୟ ଥିବା ଓଡ଼ିଆ - **ପ୍ରଦ୍ୟୁମ୍ନ କିଶୋର ମହାନନ୍ଦୀଆ**



***

# କୋହିନୂର

ନାମ- ଶ୍ରୀମତୀ କବିତା ସ୍ୱାଇଁ
(ଆଚାର୍ଯ୍ୟା)

ବିଶ୍ୱ ବିଖ୍ୟାତ ସର୍ବପ୍ରଚୀନ ମୂଲ୍ୟବାନ କୋହିନୂର ହୀରା ବିଷୟରେ ସମସ୍ତଙ୍କୁ ଜଣା । ଏହି ହୀରା ପଛରେ ଏକ ସଂଘର୍ଷମୟ ଇତିହାସ ଲୁଚିରହିଛି । ଏହା କେବେ କିପରି ଇଂଲଣ୍ଡ ରାଣୀଙ୍କ ମୁକୁଟରେ ଶୋଭା ପାଇଥିଲା । ଏହା ଆମେ ଭାରତୀୟ ଦୃଷ୍ଟିରୁ ସମସ୍ତେ ଜାଣିବା ଉଚିତ୍ ।

ପୌରାଣିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଆଜକୁ ୫୦୦୦ ବର୍ଷ ପୂର୍ବେ ଏହି ହୀରା ଭାରତରେ ଥିଲା । ଏହାର ନାମ ସୀମନ୍ତକ ମଣି ଥିଲା । ସଂସ୍କୃତ ଗ୍ରନ୍ଥ ଅନୁସାରେ ରାଜା ଜାମ୍ବବନ୍ତୀଙ୍କୁ କୃଷ୍ଣଙ୍କୁ ବିବାହ କରାଇଥିଲେ ଓ ଏହି ସୀମନ୍ତକ ମଣି ଜଉତୁକରେ ଦେଇଥିଲେ । ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଏହି ମଣିକୁ ସର୍ବଦା ମଥାରେ ଧାରଣ କରୁଥିଲେ । ସମୟକ୍ରମେ କୃଷ୍ଣଙ୍କର ଶୋଇବା ସମୟରେ ମଣିଟି ହଜି ଯାଇଥିଲା । ତାପରେ ଯଦି ଓ ଏହି ହୀରାର ସନ୍ଧାନ ମିଳିଥିଲା । ସେ ବିଷୟରେ କୌଣସି ଲିଖିତ ପ୍ରମାଣ ଅଦ୍ୟାବିଧି ନାହିଁ ।

ଐତିହାସିକ ଦ୍ୟଷ୍ଟିକୋଣରୁ ଦେଖିଲେ ଖ୍ରୀ.ପୂ ୩୨୦ ଆନ୍ଧ୍ରପ୍ରଦେଶର ଗୋଲକୁଣ୍ଡାର କୃଷ୍ଣା ନଦୀ ଶଯ୍ୟାରୁ ଏହି ହୀରାର ସନ୍ଧାନ ମିଳିଥିଲା । କେତେକ ଐତିହାସିକ ଏହି ବ୍ରାଜିଲ୍‌ରୁ ମିଳିଥିଲା ବୋଲି ଉପସ୍ଥାପନା କରିଛନ୍ତି । ହୀରାଟି ଅତି ମୂଲ୍ୟମାନ ହୋଇଥିବାରୁ ଏହାକୁ ପାଇବା ପାଇଁ ବହୁ ସଂଘର୍ଷ ଓ ଧନଜୀବନ ହାନୀ ଘଟିଥିଲା । ୧୨୦୬ ଖ୍ରୀଷ୍ଟାବ୍ଦରୁ ୧୨୦୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏହି ହୀରାଟି ଦାସବଂଶ ହାତରେ, ୧୨୯୦ ଖ୍ରୀଷ୍ଟାବ୍ଦ ରୁ ୧୩୨୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଖିଲିଜି ବଂଶ ହାତରେ, ୧୩୨୦ରୁ ୧୪୧୩ ତୋଗଲକ ବଂଶ, ୧୪୧୪ ରୁ ୧୪୫୧ ସାୟଦୀ ବଂଶ, ୧୪୫୨ ରୁ ୧୫୨୬ ଲୋଦୀ ବଂଶ ଓ ୧୫୨୬ ପରେ ଭାରତରେ ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠାତା ବାବର ପ୍ରଥମ ପାନୀପଥ ଯୁଦ୍ଧରେ ଇବ୍ରାହୀମ୍ ଲୋଦୀକୁ ହରାଇ ହୀରାଟିକୁ ନିଜ ଆୟତରେ ନେଇଥିଲେ । ଏହି ହୀରା ବିଷୟରେ ସେ ତାଙ୍କ ବାବରନାମା ପୁସ୍ତକରେ ଉଲ୍ଲେକ କରିଥିଲେ ଯେ, "ଏହି ହୀରା ମୂଲ୍ୟ ବିଶ୍ୱର ଅଧା ଦିନର ଉତ୍ପାଦନ ସହ ସମ୍ମାନ" । କ୍ରମଶଃ ମୋଗଲ ଶାସନ ସମୟରେ ବଂଶାନୁକ୍ରମିକ ଭାବରେ ହୀରାଟି ଶାସକମାନଙ୍କ ଆୟତରେ ରହୁଥିଲା । ପଂଚମ ମୋଗଲ ଶଶସକ ଶାହାଜାନ ଯେତେବେଳେ ମୟୂର ସିଂହାସନ ନିର୍ମାଣ କଲେ, ଏହି ସିଂହାସନ ନିର୍ମାଣ ପାଇଁ ସେ ତାଜମହଲର ନିର୍ମାଣ ଖର୍ଚ୍ଚ ୪ଗୁଣ ଅଧିକ ଅର୍ଥ ବ୍ୟୟ କଲେ । ସିଂହାସନଟି ସମ୍ପୂର୍ଣ୍ଣ ହେବା ପାଇଁ ୭ବର୍ଷ ସମୟ ଲାଗିଲା ଓ ସିଂହାସନରେ ଥିବା ମୟୂରରେ ଆଖିରେ ଏହି ଉଜ୍ଜ୍ୱଳ କୋହିନୂର ହୀରାଟି ଲଗାଯାଇଥିଲା ।

୧୭୩୯ ମସିହରେ ନାଦୀର ଶାହା, ଭାରତର ଶାସକ ମହମ୍ମଦ ଶାହାଙ୍କୁ ହରାଇ ମୟୂର ସିଂହାସନକୁ ପାରସ୍ୟ ନେଇ ଯାଇଥିଲେ । ଏ ପର୍ଯ୍ୟନ୍ତ ହୀରାର କୌଣସି ନାମ କରଣ ହୋଇ ନ ଥିଲା । ହୀରାଟି ନେବା ସମୟରେ ତାଙ୍କ ହାତରୁ ଖସି ପଡ଼ିଥିଲା ଓ ସେ ଏହାର ଉଜ୍ଜ୍ୱଳ ଆଲୋକକୁ ଲକ୍ଷ୍ୟ କରି କହି ଉଠିଲେ କୋହ - ଗାର ଇ - ନୂର ଅର୍ଥାତ୍ ଅଲୋକର ପର୍ବ । ଏଣୁ ନାଦୀର ଶାହା ହୀରାର ନାମ କୋହୀନୂର ରଖିଥିଲେ । ସେ ସର୍ବଦା ଏହାକୁ ହାତରେ ବାନ୍ଧୁଥିଲେ । ନାଦୀର ଶାହାଙ୍କ ମୃତ୍ୟୁପରେ ହୀରାଟି ଅହମ୍ମଦ ଦୂରାନୀ ଓ ପରେ ଶାହା ଦୂରାନୀ ପାଖରେ ରହିଲା । ଶାହା ଦୂରାନୀ ହୀରାଟିକୁ ସର୍ବଦା ହାତରେ ଲଗାଉଥିଲେ । ସେ ଆଫଗାନିସ୍ଥାନରେ ତିଷ୍ଠିପାରିଲେନି ଓ ହୀରା ସହ ଲାହୋର ପଳାଇଲେ । ସେଠାରେ ସେ ପଞ୍ଜାବ ସିଂହ ରଣଜିତ୍ ସିଂ କୁ ଆଫଗାନିସ୍ଥାନକୁ ଫେରିବାଇବା ପାଇଁ ସାହାଯ୍ୟ ମାଗିଲେ ଓ ତା ବଦଳରେ କୋହୀନୂର ହୀରା ତାଙ୍କୁ ପ୍ରଦାନ କଲେ । ୧୮୩୯ ମସିହରେ ବ୍ରିଟିଶ୍ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଆଙ୍ଗଲୋସିକ୍ ଯୁଦ୍ଧ୍ୟରେ ପଞ୍ଜାବ ଅଧିକାର କଲେ ଓ ହୀରାଟିକୁ ନିଜ ଅଧିପକୁ ନେଇ ଲାହୋରରେ ଥିବା ଟ୍ରେଜରୀରେ ରଖିଲେ । ପରବର୍ତୀ ସମୟରେ ହୀରାଟି ବ୍ରିଟୀଶ୍ ମହାରାଣୀଙ୍କ ହାତକୁ ଗଲା । କିଛି ଐତିହାସକଙ୍କ ମତରେ ଶିଖ୍ ଶାସକ ଦୁଲୀପ୍ ସିଂ ଙ୍କ ହାତରେ ସେ ସମୟର ବ୍ରିଟୀଶ୍ ଗଭର୍ଣ୍ଣର ଲର୍ଡ଼ ଡ଼େଲ୍ ହାଉସୀ ୧୮୫୦ରେ କୋହୀନୂର ହୀରାକୁ ଇଂଲଣ୍ଡ ମହାରାଣୀଙ୍କ ପାଖକୁ ପଠାଇଥିଲେ । ୧୫ ବର୍ଷର ଦୁଲୀପ୍ ସିଂ ବ୍ରିଟୀଶ୍ ରାଜପୁତ୍ର ୭ମ ଏର୍ଡ଼ୱାର୍ଡ଼ଙ୍କ ବନ୍ଧୁ ହୋଇ ରହିଲେ ଓ ବ୍ରିଟୀଶ୍ ରାଜ କୋଷରେ ରହିଲା । ସେ ସମୟରେ ୩୭ ଗ୍ରାମ୍‌ର କୋହୀନୂର ହୀରା ଥିଲା ୧୮୬ କ୍ୟାରଟ୍ ବିଶିଷ୍ଟ । ବ୍ରୀଟୀଶ୍ ରାଜକୁମାର ଆଲବର୍ଟ ହୀରାଟିକୁ ନୂଆ ରୂପ ଦେବା କାଇଁ ନେଦର ଲ୍ୟାଣ୍ଡରେ ମିଷ୍ଟର କ୍ୟାଂଟୋ ନାମକ ବ୍ୟକ୍ତିଙ୍କୁ ଦେଲେ । ସେ ତାହାଙ୍କୁ ଅଣ୍ଡା ଆକୃତିର ଓଭାଲ୍ ସେପ୍‌ରେ ପରିଣତ କଲା । ଯାହା ଫଳରେ ହୀରାର ଓଜନ ୪୦ ରୁ ୪୩ ଶତକଡ଼ା କିମଗଲା ଓ କ୍ୟାରଟ୍ ମଧ ୧୦୮.୯୩ ରହିଲା । ହୀରାଟିକୁ ବ୍ରିଟୀଶ୍ ରାଣୀଙ୍କ ରାଜମୁକୁଟରେ ଲଗାଗଲା । କେତେକ ଐତିହାସିକଙ୍କ ମତରେ କୋହୀନୂର ହୀରା ମୂଲ୍ୟବାନ ହେଲ ମଧ କେବଳ ଈଶ୍ୱର କିମ୍ବା ନାରୀଙ୍କ ପାଇଁ ଉପଯୁକ୍ତ । ଏମାନଙ୍କ ବ୍ୟତୀତ ଏହି ହୀରାକୁ ଧାରଣ କରୁଥିବା ପୁରୁଷମାନେ ବିର୍ଯ୍ୟୟର ସମ୍ମୁଖୀନ ହୁଅନ୍ତି । ବର୍ତମାନ କୋହୀନୂର ହୀରା ଲଣ୍ଡନର ସୁରକ୍ଷିତ ଅବସ୍ଥାରେ ଅଛି । ଭାରତ, ଆଫଗାନିସ୍ଥାନ ଓ ପାକିସ୍ଥାନ ଏହି ହୀରା ଉପରେ ନିଜ ନିଜର ଦାବି ଉପସ୍ଥାପନ କରି ଆସୁଛନ୍ତି । ୨୦୧୫ ମସିହାରେ ଶଶୀଥରୁର୍ କୋହୀନୂର ଭାରତର ପ୍ରାପ୍ୟ ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ । କୌଣସି ଗୋଟିଏ ଦେଶର ସଂସ୍କୃତି ଐତିହ୍ୟ ଓ ପରମ୍ପରା ଆଧାରିତ ବସ୍ତୁ ସେହି ଦେଶର ପ୍ରାପ୍ୟ । ଏଣୁ କୋହୀନୂର ହୀରା ଭାରତର ପ୍ରାପ୍ୟ ଅଟେ ।

***

# हिन्दी बिभाग

# आदर्श विद्यार्थी

नाम– मीरा मंजरी नायक
(आचार्या, हिन्दी विभाग)

जो विद्या अर्जन करता है उसे विद्यार्थी कहते हैं। पर आदर्श विद्यार्थी वह है जो ज्ञान या विद्या की प्राप्ति को जीवन का पहला आदर्श मानता है। जिसे विद्या की चाह नहीं वह आदर्श विद्यार्थी नहीं हो सकता। यह विद्या ही है जो छात्र तथा मनुष्य को नम्र, सहनशील और गुणवान बनाती है। विद्या की प्राप्ति से ही विद्यार्थी आगे चलकर योग्य नागरिक बन पाता है तो एक आदर्श विद्यार्थी भविष्य में एक अच्छा नागरिक बनने के साथ साथ एक अच्छा प्रशासक, सेवक अथवा निर्माता के रूप में परिचित भी होता है। इसीलिए कहते हैं कि विद्यार्थी जीवन भावी जीवन की नींव होता है। यदी इस नींव में अनुशासन नहीं रहा है, तो सारा जीवन विगडने में देर नहीं लगती। अत: विद्यार्थीयों की अनुशासन प्रिय बनना जरूरी होना चाहिए। विद्यालय जीवन से ही विद्यार्थी को अनुशासन  की आदत वना लेनी चाहिए क्यों की एक आदर्श विद्यार्थी जीवन ही संपूर्ण मानव जीवन की आधारशीला है। इस समय में पडे हुए संस्कारों का प्रभाव उसके भावी जीवन पर पडता है। यदी ये संस्कार अछे हो तो उसके भावी जीयन भी आदर्श हो जाएगा।  एक विद्यार्थी अपना गूण के लिए दुसरों के पास आदर्श वन जाता है। इसीलिए एक आदर्श विद्यार्थी सिर्फ स्वयं का ही नहीं अपितु अपने माँ - बाप या परिवार तथा अपना विद्यालय का नाम भी उँचा करता है। वह अपने पीछे ऐसे उदाहरण छोड जाता है जो अन्य विद्यार्थीयों के लिए अनुकर णीय बन जाते है। एक आदर्श विद्यार्थी सदैव पुस्तकों की ही अपना सबसे अच्छा मित्र समझाता है।

प्राचीन काल में विद्यार्थी जीवन साधना का जीवन था। उस समय आदर्श वीद्यर्थी के पाँच प्रधान लक्षण थे।  कौवे जैसी चेष्टा, बगुले जैसा ध्यान, कुत्ते जैसी निद्रा, (अल्प घ्यवधान पर नींद छोडकर उठजाना), अल्पाहारी (कम भोजन करने-वाला), गृहत्यागी (अपने घर और माता-पिता का अधिक मोह न रखने वाला) होने चाहिए परन्तु आजकल विद्यार्थी के पाँच लक्षण ये हैं- अध्यवसाय, आज्ञाकारिता, अनुशासन, परिश्रम और ऊदारता, अर्थात् इसी का मतलव ये हैं कि एक आदर्श-विद्यार्थी समर्पित रूप से अध्ययन करना।, विद्यालय और घर में इमानदारी से व्यवहार करना इस साथ-साथ उन्हें सैंपे गए सभी कार्य को अच्छी तरह पूरा करना। लेकिन अव आधुनिक युग में समाज का वातावरण प्रदूषित है। गुमराह करने वाले मित्र अनेक हैं। बाहरी आकर्षण और प्रलोभन भी ज्यादा है। आज के विद्यार्थी ज्ञान के लिए पढाई नहीं करते केवल नौकरी पाने के लिए हैं। जो भी पढ लेता है वह आलसी वन जाता है। शारीरिक काम से भय करता है परन्तु आदर्श विद्यार्थी को हर तरह से तेयार रहना पडता है। क्यों कि विनम्रता, सादगी, सहनशीलता, संयम आदर्श विद्यार्थी के जीवन के आभुषण होते हैं। मर्यादा उसके जीवन की सीमा होती है। तथा विद्या ग्रहण करना ही उसकी सधना है। इसके अलवा आदर्श विद्यार्थी को सच्चरित्र होना चाहिए। सच्चरित्र व्यक्ति ही समाज में आदर पाता हैं।

अंत में मैं यह बताने के लिए चाहति  हुँ कि एक आदर्श विद्यार्थी को पहले कुसंगति से बचना चाहिए। अपने सहपाठियों के हित के लिए तैयार रहना चाहिए और उपके प्रति स्नेह भाव भी रहना चाहीए। सादा जीवन और उच्च विचार उनका सिद्धान्त होना चाहिए। उसे स्वाबलम्बी अर्थात अपना प्रत्येक कार्य उसे स्वयं ही करना चाहिए इस साथ-साथ एक आदर्श विद्यार्थी को मधुर भाषी व सत्यवक्ता भी होना चाहिए। इन गुणों के कारण ही वह समाज में सम्मान तथा जीवन में जरूर सफलता प्राप्त करेगा।

***

## मेरा देश

नाम– बिष्णुप्रिया महारणा
कक्षा – १०वीं

भारत मेरा सबसे प्यारा
सब देशों में सबसे न्यारा,
आओ मिलकर गाएँ गान,
मेरा भारत देश महान।

धरती हरी भरी है न्यारी
महका फूलों कि ज्यों क्यारी,
ऊँचे पर्वत खडे महान
अद्‌भूत इसकी ऐसी शान।

झरने झर झर इसमें बहतें
गीत वीरता के वे कहतें
भरें भरें इसके खलिहान
वीरों की भारत है खान।

भारत की है बात निराली
गाथा इसकी हिम्मत् वाली
भारत का जन जन है न्यारा
भारत जग में सबसे प्यारा।

मेरा देश सबसे प्यारा।

***

## हर माँ के नाम

नाम– आशिष महान्ति
कक्षा – पूरातन छात्र

घुटनों से रेंगते रेंगते,
कब पैरों पर खडा हुआ
तेरी ममता की छाँव में
जाने कब बडा हुआ।
काला टीका दूध मलाई
आज भी सब कुछ वैसा है
मैं ही मैं हुँ हर जगह
प्यार ये तेरा कैसा है ?
सीधे साधा भोलाभाला
में हीं सबसे आछा हुँ
कितना भी हो जाऊँ बडा
माँ मे आज भी तेरा बचा हुँ।

***

## आत्म विश्वास

नाम- संतोषी पंडा
कक्षा -१०वी

ये आसमा छिन गया तो क्या ?
नया ढूंढ लेंगे
हम वो परिन्दे नहीं जो
उडना छोड देंगे।।

मत पूछ, हौंसलो हमारे
आज कितने विश्रब्ध हैं
एक नई शुरूआत, नया
आरम्भ तय है........
माना अभी हम नि:शब्द है।

ये पारवार छूट गया तो क्या ?
नया सागर ढूंढ लेंगे,
हम वो कश्तियों नहीं जो
तैरना छोड देंगे।।

कदम चलते रहेंगे.....
जब तक श्वास है,
परिस्थिति से परे
स्वयं पर हमें विश्वास है।

एक रास्ता मिला नहीं तो क्या ?
नई राहें ढूंढ लेंगे
हम वो मुसाफिर नहीं जो
चलना छोड देंगे।।

हम वो परिंदे नहीं जो
उडना छोड देंगे।।

***

## प्रभात

नाम– प्रिती प्रियदर्शनी प्रधान
(पुरातन छात्रा)

हिमकर के अवसान ने
दिवाकर के आगमन से
विभावरी को चीर,
प्रारम्भ होता है, प्रभात का।
निर्झर के झर - झर से
नभचर के कलरव से
सन्नाटे की चीर
प्रारम्भ होता है प्रभात का।।
मधुकर के गुंजार से
नवजात के क्रन्दन से,
ममता को विखरे,
प्रारम्भ होता है प्रभात का ।।
कृषक के खेत से,
पक्षियों के गुंजन से
आलस की चीर
प्रारम्भ होता है प्रभात का।।
सुमन के सौरभ से
मलय के बहने से
बनप्रिया की कण्ठ फिर
प्रारम्भ होता है प्रभात का।।



***

## हमारी प्यारी माँ

नाम– जि. सुइर्टि पात्र
कक्षा – १०वी

सबसे अच्छी होती है माँ
भगवान सी सच्ची होती है माँ।।
सबसे खुबसुरत होती है माँ
दिल कि चाहत होती है माँ।।
फूलों की खुशबू सी होती है माँ
पानी की लहरों सी होती है माँ।।
आसमान की बिजली सी होती है माँ
सूरज को रोशनी सी हाती है माँ।।
चांद की चमक सी होती है माँ
पेडों की पत्तों सी होती है माँ।।
संमंदर के पानी सी होती है माँ
सच्चाइ की राह दिखाती है माँ ।।
जिन्दगी की जीना सिखाती है माँ
जीवन का हर दु:ख मिटाती है माँ।।
खुसियों की लहर दिखाती है माँ
बच्चों की उम्मिद होती है माँ।।
पलकों से आँसू मिटाती है माँ
भगवान का स्वरूप होती है माँ ।।



***

## गुरू केलिए

नाम– इपसिता प्रियदर्शीनी वेहेरा
कक्षा – ९वीं

कभी डांट डपर कर प्यार जताया,
कभी रोक टोक कर चलना सिखाया।
कभी काली स्लेट पर चाक से,
उज्वल भविष्य का सूरज उगाया।
कभी ढाल बन कर हर मुशिकल से बचाया,
कभी हक के लिए लडना सिखाया।
कभी गलती बता कर कभी गलती बचाकर
एक सच्ची गुरु का फर्ज निभाया
कभी माता पिता बन दि सलाह
कभी दोस्त बन होंसला बढाया
आज कहते हैं उन गुरु को बडा सा थ्यांक यू...।
जिन्होंने हमें इस काबिल बनाया।

***

## पिता

नाम– साई कृपा साहु
कक्षा – ९वीं

पिता एक उम्मीद है, एक आस है
परिवार की हिम्मत और विश्वास है।
बाहर से सख्त अंदर से नर्म है
उसके दिल में दफन कई मर्म है।
पिता संघर्ष की आंधियों में हौसलों की दिवार है
परिशानियों से लडने को दो धारी तलवार है
बचपन में खुश करने वाला खिलौना है
नींद लगे तो पेट पर सुलाने वाला विछौना हैं।
पिता जिम्मीदारियों से नढी गाडी का सारथी है
सबकी बराबर का हक दिलाता यही एक महारथी है
सपनों को पूरा करने में लगने वाली जान है
इसी से तो मातापिता और बच्चों की पहचान है
पिता जमीर है पिता जागीर है
जिसके पास ये है वह सबसे अमीर है
कहने को सब ऊपर वाला देता है
पर भगवान का ही एक रूप पिता का शरीर है।

***

## सुबह

नाम– पुष्पांजली बेहेरा
कक्षा – ९वी

गरम गरम लड्डु सा सुरज
लिपटा बैठा लाली में
सुबह सुबह रख आया कौन ?
इसे आसमान की थाली में
मूंदी आँख खीली कलियों ने
चिडियों ने गाया गाना
गुन गुन करते भवरों ने
खिलती फूलों कीं पहचान
तभी आ गई फुदक फुदक कर
एक तितलियों की टोली
मधुमक्खियों ने मधु रस लेकर
भर डाली अपनी झोली
उठो उठो हम लगे काम पर
तब आगे बढ पाएँगे
वे क्या पाएँगे जीवन में
जों सोते रह जाएंगे।

***

## चुटकुले

नाम– साहाना साहु
कक्षा – ९वीं

एक टकले के सीर में दो बाल थे।
दोनों में दोस्ती हुई, फिर उन्होंने सादी करने का फैसला किया पर वे सादी न कर सके।

**बोलों क्यों** –
क्यों की बाल विवाह गैर कानूनी है।

***

# शिक्षक

नाम– साहाना साहु
कक्षा – ९वी

जीवन में जो राह दिखाए,
सही तरह चलना सिखाए
माता - पिता से पहले आता,
जीवन में सदा आदर पाता।

सबको मान प्रतिष्ठा जिससे
सीखी कर्तव्यनिष्ठा जिससे
कभी रहा न दूर मैं जिससे
वह मेरा पथदर्शक है जो
मेरे मन को भाता
वह मेरा शिक्षक कहलाता

कभी है शांत, कभि है धीर
स्वाभाब में सदा गंभिर
मन में दबी रहे ये इच्छा,
काश मैं उनके जैसा बन पाता,
जो मेरा शिक्षक कहलाता ।




***

# असली मित्र

नाम– शुभलक्ष्मी पंडा
कक्षा – ९वी

एक व्यक्ति था, उसके तीन मित्र थे । एक ऐसा मित्र था जिससे वह प्रतिदिन मिलता था दूसरा ऐसा था जिससे वह प्यार करता था अवश्य पर एक दो सप्ताह में एक बार मिलता था और तीसरा ऐसा था जिससे वह महिनों में कभी कभि मिलता था। एक बार इस व्यक्ति पर मुकदमा वनगया। वकिल ने काहा मुकदमा बहुत सख्त है, तौ ऐसा गवाह तैयार करौ जो कहे की तुम्हें जानता हो और तुम पर लगे आरोप को गलत समझता हो। वह व्यक्ति अपने पहले मित्र के पास गया और बोला - एक मुकदमा बन गया है मेरे उपर, तुम चलकर मेरे पक्ष में गवाही दो। मित्र ने कहा देखो भाई तुम्हारी मेरी मित्रता अवश्य है, लेकिन गवाही देने के लिए में तुम्हारे साथ एक पग भी नहीं चल सकता। यह व्यक्ति बहुत निराश हुआ, दु :खी भी हुआ। तभी उसे दुसरे मित्र का खयाल आया। उसके पास जा कर गवाही देने के लिए कहा। ये मित्र बोला मैं तुम्हारे साथ कचेरी के द्वार तक चल सकता हुँ । लेकीन गवाही नेहीं दुंगा। ये व्यक्ति फिर दु :खि हुआ। कुछ समय के बाद उसे अपने तीसरे दोस्त का ख्याल आया जीससे वह महीनों के बाद थोडी देर को बाद मिला था। उसे अपनी बात कही। तिसरे मित्र ने कहा मैं तेरे साथ चलुंगा और तेरे पक्ष में गवाहा भी दूंगा। मेरे दावा है की यह मुकदमा समाप्त हो जाएगा और तुम मुक्त हौ जाओगे। परन्तु वह मित्र कौन है ? वह है आत्मा । पहला मित्र है धन- सम्पत्ती, भवन भूमी, जिन्हे मनुष्य अपना समझता है और जिनके लिए रात दिन चिन्ता करता है। दुसरा मित्र है सम्बन्धी रिस्तेदार, पत्नि, बच्चे, भाई, बहन जीनके लिए मनुष्य हर कष्ट उठाता है। तीसरा मित्र है प्रभु प्रेम और शुभ कर्म जो प्रभु के कारण किए जाते हैं।

***

# मातृभूमि के लिए हमारा कर्तव्य

नाम– सत्यब्रत प्रधान
कक्षा – ९वीं

मातृभूमि अर्थात वह स्थान, जहां हमारा जन्म होता है। जिसके अन्न-जल को ग्रहण कर हमारा शरीर पुष्ट होता है, जिसके गोदी में पवित्र वायु में साँस लेकर हम जीते हैं। 'मातृभूमि' हम अपने जन्म - स्थान को कहते हैं क्यों कि वह हमारी माता है। माता जैसे बच्चों का ध्यान रखती है उसी तरह मातृभूमि अपने सभी बच्चों को निस्वार्थ से ध्यान रखती है। वह कभी नहीं चाहती की उसके बच्चे दुविधा में पडे। मनुष्य के जीवन में मातृभूमि का बडा महत्व है। हमारी मातृभूमी हमारे हृदय में स्वाभिमान भाव जगाती है। हम दूसरे देशों में जाएँ या वहाँ पे काम करे मातृभूमी कि याद आती है और दूसरे देशों में कितनी भी सुख -सुविधाएँ क्यों न मिल जाएँ, वे देश हमारी मातृभूमि कभी नहीं बन सकते। अपने देश के प्रति या मातृभूमी के प्रति सबका लगाव होता है। कोई अपने देश की बुराई नहीं चाहता है। मातृभूमी जीस प्रकार हमारा भरण पोषण करती है उसी प्रकार हमारे कुछ कर्तव्य मातृभूमी के लिए होना चाहिए। हम एसी कार्य करे जैसे मातृभूमी की मान सम्मान दुनिया में बहुत ज्यादा हो जाए। जब हम अच्छे कार्य करते हैं तो हम दुनिया में सुपरिचित होने के साथ मातृभूमी भी दुनिया में सुपरिचित होता है। एसी कार्य न करे जैसे अपनीा मातृभूमी का अपमान हो। जिस प्रकार मनुष्य प्रेम और त्याग के साथ अपने परिवार का पोषण करता है, उसी प्रकार प्रेम और त्याग के साथ उसे अपने देश की रक्षा करनी चाहीए। हमें स्वच्छता और प्राकृतिक संतुलन का ध्यान रखना चाहिए और प्रदूषण नहीं करना चाहीए। मातृभूमि के प्रति हमारा कर्तव्य हैं उसके संसाधनों का सही उपयोग करना और संरक्षित भी रखना। हमें प्राकृतिक संसाधनों की देखभाल करनी चाहीए और उन्हें बचाने के लिए संगठन करना चाहिए। जो कार्य प्रेम के साथ किया जाता है वह कार्य सफल होता है। उसी तरह मातृभूमि के प्रति प्रेम से कार्य करना चाहिए।

***

# हार नेहीं मानुगीं

नाम– प्रलिप्ता प्रियदर्शनी
(पूरातन छात्रा)

उमर भर बस फर्ज की स्याहि से,
लिखो है मैने तेरे भविष्य को
ना कभी रूकेगा,
ना कभी झुकेगा तू।

अब वस उस दिशा को चल पड,
विकशित उजाला भविष्य की ओर
संग रहेगी मेरी ये स्याहि अगले उमर तक
ध्वनि मेरी गुंजती रहे तेरे कानों में
आखरी दम तक
ये मौत शब्द ही क्या,
जिसे मैं हार जाऊँ
जिंदगी सिर्फ एक सिलसिला है
आज मैं हूँ कल मैं ना रहूँ।



***

# तोता को मिली गुरूकृपा

नाम– समीक्षा महापात्र
(पूर्वछात्र)

नैमिषारण्य की एक कहानी जो आज भी सुनने को मिलती है । इस कहानी को मुख्य किरदार एक तोता है।

नैषिारण्य में एक ऋषि मुनि तपस्या करते थे। हर रोज यहाँ हरि कथा और सत्संग होता था। सालो-साल सत्संग सुनने के बाद वो तोता पण्डित के जैसे व्यवहार करने लगा। तोता का ऐसे रूप देख के आश्रम के मुख्य ऋषि बहुत खुस हुए और उसको प्रकट के एक लकडी के पिंजरे में रख दिए। बहुत स्वादिस्ट फल और खाना देने लगे। तोता आश्रम के पिंजरे में रहकर वेद पाठ करता था। बहुत दिन वहाँ रहने के बाद वह अपने परिवार को याद कर के कैद होने के बजह से दु:ख रहने लगा, सोचा की ''एक दिन मुझे लकडी का पिंजरा काटना पडेगा।'' कुछ दिन बाद, आश्रम को ऋषि के प्रिय शिष्य आये, जो कि धनवान जमिदार थे। तोता का यह अदभुत ज्ञान देख के वह ऋषि को अनुरोध कर बोले कि वह उस तोते को अपने साथ ले जाना चाहते है। उनको ऋषि मना नहीं कर सके और अपने तोता को पिंजरे से निकाल के जमिदार को दे दिए।फिर जमिदार् अपने पत्नी को उपहार के स्वरुप वह तोता दिए और उनकी पत्नी बहुत खुस हो कर तोते की चाँदि के पिंजरे में रखी और ऋषि से भी ज्यादा अछे से देखभाल करी और स्वादिष्ट खाना भी खिलाई। वहाँ भी तोता वेद - गीता का पाठ करता करता रहा। फिर भी पिंजरे में कैद होने कें बजह से वह दु:खी था।

कुछ दिन बाद, देश के राजा को जमीदार के घर आये और ऐसा विचित्र तोता देखकर उसे अपने राज दरबार को ले जाने के लिए जमीदार को अनुरोध करे, वह भला केसे, राजा की बात को टाल सकते, इसी लिए राजा को तोता दे दिए। राजा वह तोता को ले कर रानी के पास जा पहूँचे और रानी ऐसे वेद पाठ करने वाला तोता को देख के बहुत आनंद से उसे सोने के पिंजरे में रखी। राजकिय भोजन के साथ अच्छे से देखभाल करे, रानी के साथ रोज तोता शास्त्र पाठ करता था। रोज शाम वहाँ सस्तंग होता था। एक साधु इस सस्तंग के मुख्य प्रवक्ता के तरीके से आ कर के रोज हरि - कथा सुनाते थे। तोता रोज वहाँ सुनता रहता था। सस्तंग के अंत में साधु एक वाणी बोलते थे -

''हरि गुण गाओ, मुक्त हो जाओ।''

यह सुन कर तोता दु:खी होता है और एक दिन सौचा की ''साधु रोज रोज झुठ सुनाता है, हरि कथा गा कर भी मेरे जीवन में मैं बन्धन मुक्त नहीं हो सका, तो अब अगर फिर से वो बोलेगा, में उसे गाली दुंगा।'' साधु दूसरे दिन आ के फिर से वाणी बोले, तोता गुस्सा कर के बोला की 'तुम झुठे ही और बहुत गली दिया! यह बात रोज चलता रहा। प्रवक्ता दु:खी होके सत्संग में ना जाने का फैसला लिए और अपने गुरु को सब बात बताए। फिर गुरु सारा बात सुन के अगले दिन अपने शिष्य को लेकर रानी के सत्संग में पहुचे और खुद गुरु वो वाणी गाये - 'हरि गुण गाओ, मुक्त हो जाओ।' इसके बाद सत्संग खत्म हुआ और तोता बहुत गुस्से में बोल पडा की तुम दोनों लोगों को झुठा राह दिखाते हो और गाली देने लगा। गुरु तोता को पुछे की क्यों वह ऐसे व्यवहार कर रहा। तोता रो पडा और अपने लकडी, चाँदि और सोने के पिंजरे में जीवन भर बन्धन में रहने वाला बात बताया। और बोला की हरि नाम ले के भी मैं इस हाल में हुँ और परिवार को याद कर रहा हुँ। फिर गुरु तोता को बोली की कल सबेरा होगा, कौआ का - का बोलेगा पर तुम कुछ मत बोलना और मरने का नाटक करते हुए बिना हिले पडे रहना, जब तक पिंजरा खोला ना जाए तब तक। मेरे वाणी को काम में लगाएगा तो मुक्त होगा।। फिर गुरु औा शिष्य वहाँ से चले गए। सबेरा हुआ और तोता वहाँ मरने का नाटक करने लगा। रानी को पता चला की तोता मर चुका हैं, इस लिए वह आदमीओं को बुला के तोते को बगिचा में मिट्टी खोद के उसका अंतिम संस्कार करने का आदेश दिए। पिंजरा ले कर व सब बगीचा गए और जब पिंजरा खोले तब तोता सही मौका समझ के उडने लगा। और अपने परिवार के पास जा पहुँचा, सब को देखकर खुस हुआ। फिर उसको मुक्ति देने वाले ऋषि का आश्रम ढुंट कर वहाँ पहुँचा। 'गुरुदेव' पुकार के प्रणाम किया और पूछा की 'मेरे मुक्ती कैसे कैसे हो पाया?' गुरू बोले की 'तुम्हारे पास ज्ञान था पर गुरुज्ञान नहीं, मुझे गुरु मान के जब तुमने कार्य कया तब जा कर यह संभव हो सका।' जीवन में गुरु का आवश्यक हर समय रहती है। ज्ञान जितना भी हो, गुरु विना सब असंभव है।

***

# संस्कृत बिभाग

## ଜଗନ୍ନାଥସ୍ୱାମୀ

ନାମ - ମୀନାକ୍ଷୀ ତ୍ରିପାଠୀ
(ଆଚାର୍ଯ୍ୟା ସଂସ୍କୃତ ବିଭାଗ)

ପରଂବ୍ରହ୍ମ ଜଗନ୍ନାଥଃ    ଅନାଥ ଜନସ୍ୟ ନାଥଃ
କ୍ଷୀରାବ୍ଧିତନୟା କାନ୍ତଃ    ପୂରୟତି ମନୋରଥମ୍ । ( ୧ )

ଅନ୍ତର୍ଯ୍ୟାମୀ ଭାବଗ୍ରାହୀ    ଭକ୍ତହୃଦି ଯସ୍ତିଷ୍ଠତି
ଜଗଦ୍‌ରକ୍ଷାୟାଃ କୃତେ    ନନ୍ଦୀଘୋଷେ ବିହରତି । ( ୨ )

ଦୁଃଖୀଦୁଃଖଂହର୍ତ୍ତୁଂ ସଦା    ଜାଗ୍ରତଶ୍ଚ ଯର୍ଭବତି
ଅନ୍ନଦାତ୍ରୀ ମାତାଲକ୍ଷ୍ମୀଃ    ସର୍ବଜୀବାନ୍ ପାଳୟତି । (୩)

ଭାରତ ସମରେ ଯେନ    ଦୁଃଷ୍ଟାଃ ହତାଶ୍ଚ ଚକ୍ରେଣ
ଦୁର୍ଯ୍ୟୋଧନସ୍ୟ ସଭାୟାଂ    ଦ୍ରୌପଦୀଚିନ୍ତନେ ତେନ । ( ୪ )

ବିପତି-ନାଶକ ହରିଃ    ଯାଜ୍ଞସେନୀ ଦୁଃଖହାରୀ
ପଂଚପଂଚାଶତ୍‌କୋଟିଂ    ବସ୍ତ୍ରାଣି ଶୂନ୍ୟେ ଆହରି । ( ୫ )

ପ୍ରହ୍ଲାଦସ୍ୟ ସ୍ତୁତିଂ ଶୃତ୍ୱା    ନରସିଂହ ରୂପଂ ଧୃତ୍ୱା
ହିରଣ୍ୟ କର୍ଷ୍ୟପୁଂ ହତ୍ୱା    ନଖୈର୍ହୃଦଂ ବିଦ୍ୱାରିତ୍ୱା । ( ୬ )

ମାୟା ସଂସାରୁ ଉଦ୍ଧର    ଦୀନଶରଣ-ରକ୍ଷକଃ
ପାପତାପ ବିନାଶକଃ    ଭକ୍ତି ମୁକ୍ତି ପ୍ରଦାୟକଃ । ( ୭ )

ଶରଣାଗତାଽହଂ ପ୍ରଭୋ !    ଶ୍ରୀ ଚରଣୟୋର୍ନମାମି
ନୟନପଥଗାମୀ ଭବ,    ମେ ହେ ଜଗନ୍ନାଥ ସ୍ୱାମୀ !

***

## ହିନ୍ଦୁ ନବର୍ଷମ୍

ନାମ - ବିଷ୍ଣୁପ୍ରିୟା ଷଡ଼ଙ୍ଗୀ
(ଆଚାର୍ଯ୍ୟା ସଂସ୍କୃତ ବିଭାଗ)

ପୁତ୍ରଃ ପୃଚ୍ଛତି - ପିତଃ ନବର୍ଷଂ ଦ୍ୱିବାରଂ କିମର୍ଥମ୍ ଆଗଚ୍ଛତି ?

ପିତା - ନହି ପୁତ୍ର ! ନବବର୍ଷଂ ଏକବାରମ୍ ଆୟାତି, ଆଙ୍ଗଲୋ ଜାନୁଆରି ମାସେ ।

ପୁତ୍ରଃ - ନହି ତାତଃ ! ଏକଃ ଭ୍ରାତା ପ୍ରତିଗୃହଂ ଗତ୍ୱା ଏକମ୍ ଗୈରିକ ଧ୍ୱଜମ୍ ଅଦଦାତ୍ । ତେନ ଉକ୍ତମ୍ ଅୟମ୍ ଧ୍ୱଜଃ ଗୃହସ୍ୟ - ଉପରି ସ୍ଥାପନୀୟମ୍ ।

ପିତା - ଆମ୍ ପୁତ୍ରଃ, ସଃ ରାଷ୍ଟ୍ରୀୟ - ସ୍ୱୟଂସେବକ-ସଂଘ ଶାଖାୟାଃ ଅଥବା ବିଶ୍ୱହିନ୍ଦୁ- ପରିଷଦସ୍ୟ ସଦସ୍ୟାଃ ଭବନ୍ତି । ତେ ଇଦମ୍ ହିନ୍ଦୁ ନବବର୍ଷମ୍ ପାଳୟନ୍ତି ।

ପୁତ୍ରଃ - ଆଶ୍ଚର୍ଯ୍ୟମ୍ (ପିତାଂ ପ୍ରତି ବଦତି) - ଅୟି ପିତଃ ! ଏତତ୍ ତୁ ଜ୍ଞାୟତେ ତେ ଅସ୍ମାକମ୍ ଜ୍ଞାନନେତ୍ରମ ଉନ୍ମୋଚୟନ୍ତି ଏବମ୍ ବା ଭବତି ! କିମ୍ ବୟମ୍ ସର୍ବେ ନ ସନାତନଧର୍ମାବଲମ୍ବିନଃ ଭବାମଃ ! ବୟଂ ହୋଲି- ଦିପାବଳୀ- ଦୁର୍ଗାପୂଜା ଇତ୍ୟାଦିକଂ ପର୍ବାଣି ନ ପାଳୟାମଃ, ପୁନଶ୍ଚ ଭାରତୀୟଃ ଆଙ୍ଗ୍ଲୋଂଜନାନାମ୍ ନବବର୍ଷୋତ୍ସବଂ କଥଂ ପରିପାଲ୍ୟନ୍ତେ ?

ପିତା - କିଂଚିତ୍ ବିଚିନ୍ତ୍ୟ - (ତବ ବଚନମ୍ ତୁ ସତ୍ୟମସ୍ତି)

ପୁତ୍ରଃ ! ଗଚ୍ଛ ଗୃହସ୍ୟୋପରି ଗୈରିକ-ଭଗଓ୍ୱାଧ୍ୱଜଂ ସ୍ଥାପୟ, ମାତରଂ ବଦ ଗୃହେମିଷ୍ଟାନ୍ନପାୟସପୁରି ଲଡ୍ଡୁକଇତ୍ୟାଦିକମ୍ ପ୍ରସ୍ତୁତଂ କରୋତୁ । ଗୃହାତ୍‌ବହିଃ ପୂର୍ଣ୍ଣକଳସଂ ସ୍ଥାପୟତୁ, ପୂଜାଗୃହେ ପ୍ରଦୀପଂ ପ୍ରଜ୍ୱଳୟତୁ, ଗୃହସଜ୍ଜା କାର୍ଯ୍ୟ କାରୟତୁ ।

ବାସ୍ତବେନ - ଅତଃ ଆଙ୍ଗ୍ଲୋଂ ନବ ବର୍ଷଂ ନ ପାଳନୀୟମ୍ । ହିନ୍ଦୁ ନବବର୍ଷଂ କାଳନୀୟମ୍, ଅଦ୍ୟ ଦିବସଃ ଚୈତ୍ର ଶୁକ୍ଳ ପ୍ରତିପଦାଦିତଃ ଏବ ଅସ୍ମାକମ୍ ହିନ୍ଦୁ ନବବର୍ଷସ୍ୟ ପ୍ରଥମ ଦିବସଃ, ଯାତଃ ଏତତ୍ ତୁ ସୃଷ୍ଟେଃ ପ୍ରାମ୍ଭଦିବସଃ, ଭଗବତଃ ଶ୍ରୀରାମସ୍ୟ ରାଜ୍ୟାଭିଷେମୋତ୍ସବ ଦିବସଶ୍ଚ ଇତି ପରିଜ୍ଞାୟତେ ।

***

## ଦୁର୍ଗତେଃ କାରଣମ୍

ନାମ - ସରଜୁବାଳା ମିଶ୍ର
(ଆଚାର୍ଯ୍ୟା ସଂସ୍କୃତ ବିଭାଗ)

ମାନବସ୍ୟ ସ୍ୱଶରୀରଂ ପ୍ରିୟମ୍ ଭବତି । ପରନ୍ତୁ କଦାଚତ୍ ତତ୍ ନ୍ୱନଂ ନଷ୍ଟ ଭବିଷ୍ୟତି । ଯତଃ - ଗୀତାବଚନଂ ଅସ୍ତି - "ଜାତସ୍ୟ ହି ଧ୍ରୁବ ମୃତ୍ୟୁଃ ।" ମନୁଷ୍ୟଃ ସଂସାରମୋହଂ ତ୍ୟଜେତ୍ । ଏତତ୍ ତୁ କାରଣମ୍ ଯତ୍, ଧନାୟ, ଭୋଗାୟପ୍ରିୟ ବସ୍ତୁଭ୍ୟଃ ଜନେଭ୍ୟଶ୍ଚ ସ୍ପୃହୟତି ଚେତ୍, ମନସି ଚିନ୍ତନଂ ଭବତି ଚେତ୍ ଅସୌ ମରଣାତ୍ ପରଂ ସର୍ପଃ, ପ୍ରେତଃ ପିଶାଚଃ ବା ଭବେତ୍ ।

କଶ୍ଚିଦ୍ ତପସ୍ୱୀ ଆସୀତ୍ । ସଃ ସଂସାରଂ ପ୍ରତି ଅନାସକ୍ତଃ ଆସୀତ୍ । ସଃ ତ୍ୟାଗୀ ନିର୍ଲୋଭଶ୍ଚ ସନ୍ତଃ ଧନଂ ନ ସ୍ପର୍ଶଂ କରୋତି ସ୍ମ । ଧାନଂ, ଭଜନଂ, ସଂକୀର୍ତନଂଚ କୃତ୍ୱା ସର୍ବଦା ଈଶ୍ୱରେ ଲୟଂ କରୋତି । ଜନୈକଃ ସଜ୍ଜନଃ ସନ୍ତସ୍ୟ ସେବାଭୋଜନାଦି-ଷୁ କାର୍ଯ୍ୟେଷୁ ନିୟୋଜିତଃ ଆସୀତ୍ । କାର୍ଯ୍ୟବଶତଃ ସଃ ଆଶ୍ରମାତ୍ ବହିର୍ଗମନ କଳେରେ ସନ୍ତସ୍ୟ କତେ କତି ଧନାନି ଅର୍ପୟିତ୍ୱା ବିଦେଶଂ ଅଗଚ୍ଛତ୍ । କଦାଚିତ୍ ତପସ୍ୱୀ ରୁଗ୍ଣଃ ଭୂତ୍ୱା ଇହଧାମ ତ୍ୟକ୍ତବାନ୍ । ସଜ୍ଜନଃ ବିଦୋାତ୍ ପ୍ରତ୍ୟାଗମନଂ କୃତ୍ୱା ତସ୍ମିନ୍ ଗୃହେ ନ୍ୟବସତ୍ । ସଃ ନିତ୍ୟଂ ରାତ୍ରୌ ସନ୍ତସ୍ୟ ପଦଚାର ଶବ୍ଦଂ ଅଶୃଣୋତ୍ । ଏକଦା ସଃ ଶୂନ୍ୟଂ ଦୃଷ୍ଟ୍ୱା ପ୍ରାର୍ଥୟାମାସ । ହେ ସ୍ୱାମିନ୍ ! ଭବାନ୍ କୁତ୍ରାସ୍ତି ! କୃପୟା ମାମ୍ ପ୍ରତି ମମ କର୍ତବ୍ୟ ବିଷୟମ୍ ନିର୍ଦ୍ଦେଶୟତୁ । ସନ୍ନ୍ୟାସୀ ଅପି ତଦ୍ ଧନଂ ଦେବ ପୂଜନାର୍ଥଂ । ଦୀନଜନେଭ୍ୟଶ୍ଚ ଦାନଂ କର୍ତୁମ ଶୂନ୍ୟବାଣୀ ଅକରୋତ୍ । ଅତଃ ପରଂ ତତ୍ ଧନସ୍ୟ ମହତ୍ କାର୍ଯ୍ୟେଷୁ ନିୟୋଜନେନ ପୁନଃ କଦାପି କିଂଚିଦପି ଶବ୍ଦଂ ନ ଶୃତବାନ୍ ।

ଅନେନ କ୍ରକାରେଣ ବୃନ୍ଦାବନ-ଧାମେ ଏକଃ ଭିକ୍ଷୁକଃ ମୃତ୍ୟୋଃ ପୂର୍ବମ୍ କିଂଚିତ୍ ଧନଂ ସଂଚିତ୍ୱା ମୃତଃ ଅଭବତ୍ । ସଃ କତିଦିନାଦନ୍ତରମ୍ ସର୍ପୋଭୂତ୍ୱା ପୂର୍ବ - ବସତିସ୍ଥାନେ, ଧନାୟସଃ ତ୍ୟକ୍ତବସ୍ତ୍ରେଷୁ ଅତିଷ୍ଠତ୍ । ଏତତ୍ ଜ୍ଞାତ୍ୱା ଜନାଃ ଯଦା ତତ୍ ଧନାନି ଦରିଦ୍ରଣାମ୍କୃତେ ପ୍ରୟୋଗମ୍ ଅକୁର୍ବନ୍, ତଦା ସଃ ପୁନଃ ତତ୍ର ନାଗଚ୍ଛତ୍ । ଅଦୃଶ୍ୟଃ ଅଭବଛ, ଆନ୍ତରସ୍ୟ ବାସନା ଭୟଙ୍କରୀ ଏବ । ସର୍ବଦା ଭଗବନ୍ତଂ-ପ୍ରପ୍ତୁମ୍ ଚିନ୍ତନମ୍ କର୍ତବ୍ୟମି ।

***

## ବୁଦ୍ଧିମାନ୍ ଶିଷ୍ୟ

ନାମ - ଅନୁରାଧା ପରିଡ଼ା
ଶ୍ରେଣୀ - ୮ମ

ବାରାଣାସୀ ନଗରରେ ଏକ ଗୁରୁକୂଲମ୍ । ତତ୍ର ଏକଃ ଗୁରୁଃ । ଗୁରୁଃ ମହାପଣ୍ଡିତଃ ବିଦ୍ୟାଭ୍ୟାସାର୍ଥ ତସ୍ୟ ଆଶ୍ରମେ ବହବଃ ଶିଶ୍ୟାଃ ଅପି ତେନ ସହ ବସନ୍ତି ସ୍ମ ।

ଏକଦା କଶ୍ଚନ ତରୁଣଃ ଗୋପାଳକଃ ଆଶ୍ରମମ୍ ଆଗତବାନ୍ । ଆଶ୍ରମେ ଗୋପାଳକଂ ଦୃଷ୍ଟ୍ୱା ଶିଷ୍ୟାଃ ଆଶ୍ଚର୍ଯ୍ୟଚକିତାଃ ତେ ଚିନ୍ତିତବତଃ.......... ଆଶ୍ରମେ ଗୋପାଳକଃ କିଂ କରୋତି ? ଇତି ଗୋପାଳକଃ ପଣ୍ଡିତଃ ସମୀପେ ଗତବାନ୍ । ସଃ ଭକ୍ତବାନ୍.......... ଆଶ୍ଚର୍ଯ୍ୟଃ ! ଅହଂ ବିଦ୍ୟାଭ୍ୟାସାର୍ଥମ୍ ଆଗତବାନ୍ । ସର୍ବେ ଶିଷ୍ୟାଃ ତତ୍ ଶୃତ୍ୱା ଗୋପାଳକସ୍ୟ ପରିହାସ କୃତବନ୍ତଃ । ପରନ୍ତୁ ପଣ୍ଡିତଃ ଗୋପାଳଂ ପ୍ରୀତ୍ୱା ଦୃଷ୍ଟବାନ୍ । ସଃ ଗୋପାଳକସ୍ୟ ବୁଦ୍ଧି ପରିକ୍ଷାର୍ଥ ପୃଷ୍ଟବାନ । ବତ୍ସ୍ୟ ! ଦେବଃ କୂତ୍ର ଅସ୍ତି ? ଗୁରୋ ଦେବଂ କୂତ୍ରନାସ୍ତି । କୃପୟା ଭବାନ୍ ଏବଂ ସମାଧନଂ ବଦତୁ । ଇତି ଭକ୍ତବାନ୍........... । ସନ୍ତୁଷ୍ଟଃ ଗୁରୁଃ.......... ଦେବଃ ସର୍ବତ୍ର ଅସ୍ତି । ଦେବଃ ସର୍ବବ୍ୟାପି । ଭବାନଖି ବୁଦ୍ଧିମାନ୍ । ଅତଃ ବିଦ୍ୟାଭାଷାର୍ଥମ୍ ଅତ୍ରେବ ବସତୁ । ଇତି କ୍ତବାନ୍ କଥୟାଃ ନୀତିଃ ରୂପେଣ ଗୁଣସ୍ୟନିର୍ଧାରଂ ନ କରଣୀୟମ୍ ।

***

## ଧ୍ୟେୟ ବାକ୍ୟାନି

ନାମ- ଆଦିତ୍ୟ ଲେଙ୍କା
ଶ୍ରେଣୀ - ୯ମ

୧. ସତ୍ୟମେବ ଜୟତେ ।
୨. ସତ୍ୟମ୍ ଶିବମ୍ ସୁନ୍ଦରମ୍ ।
୩. ସେବା ଅସ୍ମାକଂ ଧର୍ମ ।
୪. ଶରୀରମାଦ୍ୟଂ ଖଳୁ ଧର୍ମସାଧନମ୍ ।
୫. ଜ୍ଞାନ - ବିଜ୍ଞାନ ବିମୁକ୍ତୟେ ।
୬. ଯୋଗଃ କର୍ମସୁ କୌଶଳମ୍ ।
୭. ଜ୍ଞାନଂ ପରମଂ ଧ୍ୟେୟମ୍ ।
୮. ତମସୋ ମା ଜ୍ୟୋତିର୍ଗମୟ ।
୯. ପ୍ରଜ୍ଞାନମ ବ୍ରହ୍ମ ।
୧୦. ଯତୋ ଧର୍ମ ସ୍ତତୋ ଜୟଃ ।
୧୧. ଅହର୍ନିଶଂ ସେବା ମହେ ।
୧୨. ଶ୍ରମ ଏବ ଜୟତେ ।
୧୩. ସର୍ବଜନ ହିତାୟ ସର୍ବଜନ ସୁଖାୟ ।
